Daily Edition:
RNI No.ODIODI/2010/33791

ମଙ୍ଗଳବାର, ୧୯ ଡିସେମ୍ବର ୨୦୧୭
ଭାଗ ୮ ସଂଖ୍ୟା ୧୨୭

Tuesday, 19 December 2017
Volume VIII, Issue No 127

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଧନୁ ୪; ପୌଷ ଶୁକ୍ଳପକ୍ଷ ପ୍ରତିପଦା
୧୯୩୯ ଶକାବ୍ଦ, ୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

# ଶ୍ରୁତି SRUTI



ଜାତିବାଦ, ବଂଶବାଦ ଓ ନୀଚ ରାଜନୀତିର ପରାଜୟ ବିକାଶବାଦର ବିଜୟ: ଅମିତ ଶାହା

ପ୍ରସଙ୍ଗ | Email : srutimedia@gmail.com

ଗୁଜରାଟ ନିର୍ବାଚନ ଫଳକୁ ନେଇ ବିଜେପି ଅତ୍ୟଧିକ ଉତ୍ସାହିତ ନହୋଇ ଆତ୍ମସମୀକ୍ଷା କରିବା ଉଚିତ କି ?

୧୮/୧୨ର ଉତ୍ତର

ନିଜର ଦୁର୍ନୀତି ଓ ଅପାରଗତାକୁ ଲୁଚାଇବା ପାଇଁ ଅନ୍ୟକୁ ଆଙ୍ଗୁଠି ଦେଖାଇବା କଂଗ୍ରେସ ଭଳି ଏକ ପୁରାତନ ଦଳକୁ ଶୋଭା ଦିଏ କି ?

ନା ୭୭%

ହଁ ୨୩%

## ଭିତର ପୃଷ୍ଠାରେ



ଫଳ ନିରାଶନଜକ ନୁହେଁ: କର୍ମୀଙ୍କ ପାଇଁ ଗର୍ବିତ: ରାହୁଲ ଗାନ୍ଧି



ସେନସେକ୍ସରେ ଅସ୍ଥିରତା



ଗୁଜରାଟରେ ବିଜେପି ବିଜୟର ୪ ପ୍ରମୁଖ କାରଣ






# ଜିତିଲା ବିକାଶ

## ଗୁଜରାଟରେ କ୍ଷମତା ବଜାୟ ରଖିବା ସହ ହିମାଚଳରେ କଂଗ୍ରେସଠାରୁ କ୍ଷମତା ଛଡାଇ ନେଲା ବିଜେପି



ଅହମ୍ମଦାବାଦ/ସିମ୍ଲା/ନୂଆଦିଲ୍ଲୀ, ୧୮।୧୨(ଏଜେନ୍ସି) ବିଜେପିର ଅନ୍ୟ ନାମ ବିକାଶ- ଏହା ଏକ ରାଜନୈତିକ ସ୍ଲୋଗାନ ହୋଇପାରେ, ପ୍ରଥାସିଦ୍ଧ ତତ୍ତ୍ୱନୁହେଁ । ମାତ୍ର ଗତ କିଛିବର୍ଷ ମଧ୍ୟରେ ମୋଦି ଭାରତର ବିକାଶକୁ ଯେ ଉପର ସୋପାନକୁ ଉଠାଇ ପାରିଛନ୍ତି ତାହା ମଧ୍ୟ ନୁହେଁ । ଲୋକେ ସେଇ ନେତା ଉପରେ ଅଧିକ ଭରସା କରନ୍ତି ଯେ କଥା ଓ କାମ ଭିତରେ କମ୍ ଫରକ ଦେଖେ ଏବଂ କମ୍ କହେ ବେଶୀ କରେ । ମୋଦି ଶାସନର ସୁଫଳ ସବୁଲୋକଙ୍କୁ ଯେପରି ପ୍ରଭାବିତ କରିଛି ତାହାର ପ୍ରମାଣ ମିଳିଛି ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳରୁ ।

ଧର୍ମ, ଜାତି ଓ ବର୍ଣ୍ଣ ନୁହେଁ, ବିକାଶକୁ ନେଇ କିଭଳି ରାଜନୀତି କରିହୁଏ ଏବଂ ଜନତାଙ୍କ ସମର୍ଥନ ଲାଭ କରାଯାଇପାରେ ତାହା କରିଦେଖାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବିଜେପି ଗୁଜରାଟରେ ୬ଷ୍ଠ ଥର ଲାଗି କ୍ଷମତା ଦଖଲ କରିବାରେ ସଫଳ ହୋଇଛି । ଅନ୍ୟପକ୍ଷରେ 'ସରକାର ବିରୋଧୀ ପରିବର୍ତ୍ତନ ଭିତ୍ତିକ' ରାଜନୀତି ଏଥର ମଧ୍ୟ ହିମାଚଳ ପ୍ରଦେଶରେ ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂହଙ୍କ ନେତୃତ୍ୱାଧୀନ କଂଗ୍ରେସକୁ ପରାଜିତ କରି ନିରଙ୍କୁଶ କ୍ଷମତା ଦଖଲ କରିବାରେ ବିଜେପି ସଫଳ ହୋଇଛି । ହିମାଚଳ ପ୍ରଦେଶରେ ପ୍ରତି ୫ ବର୍ଷରେ କ୍ଷମତା ପରିବର୍ତ୍ତନର ନଜୀର ବହୁଆଗରୁ ରହିଆସିଛି । ଏଥର ମଧ୍ୟ ସେଥିରେ କୌଣସି ବିଚ୍ୟୁତି ଘଟିନି । କିନ୍ତୁ ଗୁଜରାଟ କ୍ଷେତ୍ରରେ ଏହା ଭୁଲ ସାବ୍ୟସ୍ତ ହୋଇଛି ।

ଗୋଟିଏ ପର୍ଯ୍ୟାୟରେ ହିମାଚଳ ପ୍ରଦେଶର ୬୮ଟି ଆସନ ଲାଗି ଓ ଦୁଇଟି ପର୍ଯ୍ୟାୟରେ ଗୁଜରାଟର ୧୮୨ଟି ଆସନ ଲାଗି ହୋଇଥିବା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି । ଗୁଜରାଟରେ ବିଜେପି ଏଥର ୯୯ଟି ଆସନ ଜିତି ନିରଙ୍କୁଶ କ୍ଷମତା ଅପରିବର୍ତ୍ତିତ ରଖିଛି । ତେବେ ୨୦୧୨ ନିର୍ବାଚନ ଅପେକ୍ଷା ଦଳକୁ ୧୬ଟି ଆସନ କମ୍ ମିଳିଛି । ସେହିଭଳି କଂଗ୍ରେସ ୮୦ଟି ଆସନରେ ବିଜୟୀ ହୋଇଥିବାବେଳେ ପୂର୍ବାପେକ୍ଷା ୧୯ଟି ଆସନ ଅଧିକ ପାଇଛି । ୨୦୧୨ ବିଧାନସଭା ନିର୍ବାଚନରେ ବିଜେପିକୁ ୧୧୫ଟି ଆସନ ଓ କଂଗ୍ରେସକୁ ୬୧ଟି ଆସନ ମିଳିଥିଲା । ଗୁଜରାଟରେ ମୋଦିଙ୍କ ଲୋକପ୍ରିୟତା ବଜାୟ ରହିବା ଦେଖି ୨୦୧୯ ସାଧାରଣ ନିର୍ବାଚନରେ ବିଜେପି କେନ୍ଦ୍ରରେ ପୁଣି କ୍ଷମତାସୀନ ହେବା ଆଶା ବୃଦ୍ଧି ପାଇଛି । ତେବେ ଗୁଜରାଟରେ ବିଜେପି ପୂର୍ବରୁ ୧୫୦ରୁ ଅଧିକ ଆସନ ଜିତିବା ନେଇ ଯେଉଁ ଦାବି କରୁଥିଲା ତାହା ଭୁଲ ପ୍ରମାଣିତ ହୋଇଛି । ବିଜେପିକୁ ପୂର୍ବ ବର୍ଷ ତୁଳନାରେ ୧.୨୫% ଅଧିକ ଭୋଟ ସହମୋଟ ୪୯ ପ୍ରତିଶତ ଭୋଟ ମିଳିଥିଲେ ହେଁ ଏହାର ଆସନ ସଂଖ୍ୟା ପୂର୍ବ ଥର ଅପେକ୍ଷା ହ୍ରାସ ପାଇଛି । ଅନ୍ୟପକ୍ଷରେ ହିମାଚଳ ପ୍ରଦେଶରେ କଂଗ୍ରେସ ପରାଜିତ ହୋଇଛି । ଏଠାରେ ସବୁବେଳେ ସରକାର ବିରୋଧୀ ଜନାଦେଶ ଦେବା ପ୍ରକ୍ରିୟା ଏଥର ମଧ୍ୟ କାଏମ ରହିଛି । ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂହଙ୍କ ନେତୃତ୍ୱାଧୀନ କଂଗ୍ରେସକୁ ଜନତା ବିରୋଧୀ ଚୌକିରେ ବସାଇଛନ୍ତି । ୬୮ ଆସନ ବିଶିଷ୍ଟ ହିମାଚଳପ୍ରଦେଶ ବିଧାନସଭାରେ କଂଗ୍ରେସକୁ ୨୧ଟି ଆସନ ମିଳିଥିବାବେଳେ ବିଜେପି ୪୪ଟି ଆସନରେ ବିଜୟୀ ହୋଇ କ୍ଷମତାସୀନ ହୋଇଛି । କଂଗ୍ରେସର ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂହ ଏବଂ ତାଙ୍କ ପୁଅ ନିଜ ଆସନ ବଜାୟ ରଖିଥିବା ବେଳେ ବିଜେପିର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଥର ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପ୍ରେମକୁମାର ଧୁମାଲ ପରାସ୍ତ ହୋଇଛନ୍ତି । ଏଠାରେ ୨୦୧୨ ନିର୍ବାଚନରେ ବିଜେପିକୁ ୨୬ଟି ଓ କଂଗ୍ରେସକୁ ୩୬ଟି ଆସନ ମିଳିଥିଲା ।

ଗୁଜରାଟରେ କଂଗ୍ରେସ କ୍ଷମତାକୁ ଫେରିବା ପାଇଁ ଜାତିଆଣ ରାଜନୀତିର ଆଶ୍ରୟ ନେଇଥିଲା । ରାଜ୍ୟରେ ସବୁଠାରୁ ଶକ୍ତିଶାଳୀ ପଟିଦାର ସମ୍ପ୍ରଦାୟ ପାଇଁ ସଂରକ୍ଷଣର ଆନ୍ଦୋଳନ କରୁଥିବା ହାର୍ଦ୍ଦିକ ପଟେଲ ଏଥର କଂଗ୍ରେସ ସହିତ ହାତ ମିଳାଇଥିଲେ । ଫଳରେ ସୌରାଷ୍ଟ୍ର ଓ କଛ ଅଞ୍ଚଳରେ କଂଗ୍ରେସ ବିଜେପି ଠାରୁ ପାଖା ପାଖି ୧୫ଟି ସିଟ ଛଡାଇ ନେବାରେ ସଫଳ ହୋଇଛି । ତେବେ ପଟିଦାର ବହୁଳ ସୁରଟରେ ପଟେଲ ମାନେ ବିଜେପି ସପକ୍ଷରେ ଆଗପରି ଦୃଢ଼ ଭାବେ ଛିଡା ହୋଇଛନ୍ତି । ଫଳରେ ସୁରଟର ସବୁ ସିଟରେ ବିଜେପି ବାଜିମାତ କରିଛି । ଅପରପକ୍ଷରେ ଜିଏସଟିକୁ ଗବର ସିଂହ ଟ୍ୟାକ୍ସ କହି ତାଚ୍ଛଲ୍ୟ କରିଥିବା ରାହୁଲଙ୍କୁ ଏଥିରୁ ଫାଇଦା ମିଳି ନାହିଁ । ରାଜ୍ୟର ବ୍ୟବସାୟୀମାନେ ମୋଟା ମୋଟି ବିଜେପିକୁ ସମର୍ଥନ କରିଛନ୍ତି । ନବାଗତ ଦଳିତ ନେତା ଜିଗ୍ନେଶ ମେୱାନି ଏବଂ ଠାକୁର ନେତା ଅଳ୍ପେଶ ଜାତିବାଦ କାର୍ଡ ଖେଳି ଜିତିଛନ୍ତି ।

## ସବୁ ଷଡଯନ୍ତ୍ରକୁ ବିଫଳ କରି ଜନତା ବିକାଶ ପାଇଁ ଭୋଟ ଦେଇଛନ୍ତି ; ଜାତିବାଦର ବିଷମଞ୍ଜି ପ୍ରତି ସତର୍କ ରହନ୍ତୁ : ମୋଦି



ନୂଆଦିଲ୍ଲୀ, ୧୮/୧୨(ଏଜେନ୍ସି) ସମସ୍ତ ଶକ୍ତି, ଅସୀମ ଧୈର୍ଯ୍ୟ ଓ ସାହାସର ସହିତ ବିକାଶ ପାଇଁ ଏହା ଆଗକୁ ବଢିବାର ସମୟ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଗୁଜରାଟ ଓ ହିମାଚଳ ନିର୍ବାଚନ ଫଳ ପ୍ରକାଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ବିକାଶର ପରିକଳ୍ପନା ଓ ତାହାର ରୂପାୟନ ପାଇଁ ରାଜନୈତିକ ଦଳ ସମୂହ ଗଣତନ୍ତ୍ରରେ ଅଧିକୃତ । ଯେଉଁ ସରକାର ବିକାଶର ଆକାଶଛୁଆଁ ପ୍ରତିଶ୍ରୁତିମାନ ଦେଇ କ୍ଷମତାକୁ ଆସିଥାଏ ତାହା ସେଥିରୁ ଅନେକ କାର୍ଯ୍ୟକାରୀ କରିପାରେ ନାହିଁ । ଲୋକେ ମଧ୍ୟ କ'ଣ ସମ୍ଭବ, କ'ଣ ଅସମ୍ଭବ ତାହା ଭଲଭାବେ ବୁଝିପାରନ୍ତି । ଏସବୁ ସତ୍ତ୍ୱେ ସାମୂହିକ ବିଚାରରେ ଏକ ଭଲ ସମୟର ଆଶା ସମସ୍ତଙ୍କ ମନରେ ଉଦ୍ରେକ ହୁଏ । ଲୋକେ ସରକାରର ଦୁର୍ନୀତି, ପ୍ରିୟାପ୍ରୀତିତୋଷଣ, ଅହଂକାର ଓ ଉଦାସୀନତାକୁ ସହ୍ୟ କରନ୍ତି ନାହିଁ । ଠିକ ସେହି କାରଣରୁ ସବୁ ଷଡଯନ୍ତ୍ରକୁ ବିଫଳ କରି ଆଜି ଜନତା ବିକାଶ ପାଇଁ ଭୋଟ ଦେଇଛନ୍ତି । ଏହି ଜନାଦେଶ ଦ୍ୱାରା ଜାତିବାଦର ବିଷଜ୍ୱାଳାରୁ ଗୁଜରାଟକୁ ମୁକ୍ତି ମିଳିଛି ।

ମୋଦି କହିଛନ୍ତି ଯେ, ବିରୋଧୀ ପ୍ରଚାର କରୁଥିଲେ ଯେ, ଜିଏସଟି ଯୋଗୁଁ ବିଜେପି ଗୁଜରାଟର ସହର ଗୁଡିକରେ ଧ୍ୱଂସ ହୋଇଯିବ । ଜିଏସଟିକୁ ନେଇ ମିଥ୍ୟା ପ୍ରଚାର କରାଯାଇଥିଲା । ହେଲେ ଜନତା ଏଭଳି ମିଥ୍ୟା ପ୍ରଚାରକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଗୁଜରାଟର ଜନତା ବିରୋଧୀଙ୍କ ଏଭଳି ଅପପ୍ରଚାରର ମୁହଁତୋଡ ଜବାବ ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପ ଦ୍ୱାରା ମଧ୍ୟମବର୍ଗର ଭରସା ବୃଦ୍ଧି ପାଇଛି । ଗୁଜରାଟ ନିର୍ବାଚନକୁ ମୋଦି ଅଭୂତପୂର୍ବ ଦର୍ଶାଇଛନ୍ତି । ସେ ସ୍ମରଣ କରାଇ ଦେଇଛନ୍ତି ଯେ, ୩୦ ବର୍ଷ ପୂର୍ବେ; ସମଗ୍ର ଗୁଜରାଟ ଉଗ୍ର ଜାତିଆଣ ଭାବର ବିଷଜ୍ୱାଳାରେ ଜର୍ଜରିତ ହୋଇଥିଲା । ସେଥିରୁ ରାଜ୍ୟକୁ ମୁକୁଳାଇବା ପାଇଁ

ଅସଂଖ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଦୀର୍ଘ ୩୦ବର୍ଷ ଧରି ଧୈର୍ଯ୍ୟର ସହ ସଂଗ୍ରାମ କରିବାକୁ ପଡିଥିଲା । ଦୁର୍ଭାଗ୍ୟକ୍ରମେ ନିର୍ବାଚନ ଜିତିବାର ସଂକୀର୍ଣ୍ଣ ମନୋବୃତ୍ତି ନେଇ ଏଥର ପୁଣିଥରେ ସେହି ଉଗ୍ର ଜାତିଆଣ ଭାବର ପ୍ରସାର କରାଗଲା । ସୌଭାଗ୍ୟ କ୍ରମେ ଗୁଜରାଟ ବାସୀ ଏହାକୁ ପ୍ରତ୍ୟାଖ୍ୟାନଦ କରିଛନ୍ତି । ଭବିଷ୍ୟତରେ ମଧ୍ୟ ଏହି ବିଷଜ୍ୱାଳାରୁ ରାଜ୍ୟବାସୀଙ୍କୁ ଦୂରେଇ ରହିବା ପାଇଁ ସେ ସତର୍କ କରାଇଦେଇଛନ୍ତି । ମୋଦି କହିଛନ୍ତି ଯେ, ବିକାଶ ପାଇଁ ଭୋଟ ମିଳିଛି । ମୋଦି କହିଛନ୍ତି ଆମକୁ ବିକାଶର ନୂଆ ଶିଖର ଛୁଇଁବାକୁ ପଡିବ । ଏବେ ଦେଶ ବିକାଶ ରାସ୍ତାରେ ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ବିକାଶ ପାଇଁ ଲୋକଙ୍କ ସମର୍ଥନ ▶୩ ପୃଷ୍ଠାରେ

## କିଏ କ'ଣ କୁହନ୍ତି....

### ମୁଣ୍ଡ ଲଣ୍ଡା କରୁକରୁ କୁଆପଥର: ରାଜନାଥ ସିଂହ

ଗୃହମନ୍ତ୍ରୀ ରାଜନାଥ ସିଂହ ଗୁଜରାଟ ଓ ହିମାଚଳ ନିର୍ବାଚନ ଫଳ ପ୍ରସଙ୍ଗରେ ମତ ଦେଇ କହିଛନ୍ତି ଯେ, ସେ (ରାହୁଲ ଗାନ୍ଧି) ଏବେ ନିକଟରେ ଦଳର ଅଧକ୍ଷ ହୋଇଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ମୁଣ୍ଡ ଲଣ୍ଡା କରୁକରୁ କୁଆପଥର ବର୍ଷିଛି ।

### ଜିରୋରେ ଆଉଟ୍:ପାରିକର

ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର କହିଛନ୍ତି ଯେ, ସେ( ରାହୁଲ ଗାନ୍ଧି) ଓପନିଂ ଇନିଂସ ଖେଳୁଥିଲେ କିନ୍ତୁ ଜିରୋରେ ଆଉଟ୍ ହୋଯାଇଛନ୍ତି ।

### ସବୁ ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଯିବା ଉଚିତ: ଗଡକରୀ

କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ, ଗୁଜରାଟରେ ୬ଷ୍ଠ ଥର ପାଇଁ ବିଜେପି କ୍ଷମତାସୀନ ହୋଇଛି । ଏଥିପାଇଁ ସବୁ ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଯିବା ଉଚିତ୍ । ସେହିପରି ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ଏହା ଦଳ ପାଇଁ ସବୁଠାରୁ ବଡ ବିଜୟ । ବୁଥ୍ ସ୍ତର ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ବେଶ୍ ଭଲ କାର୍ଯ୍ୟ କରିଛନ୍ତି । ଲୋକମାନେ ବିକାଶ ପାଇଁ ଭୋଟ୍ ଦେଇଛନ୍ତି ।

### ବିକାଶର ଉପହାସ କରୁଥିବା ଲୋକଙ୍କୁ ଉଚିତ୍ ଶିକ୍ଷା ମିଳିଛି

ବିଜେପି ନେତା ମୁକତାର ଅବାସ ନକବି କହିଛନ୍ତି ଯେ, କିଛି ଲୋକ ବିକାଶର ଉପହାସ କରୁଥିଲେ । 'ବିକାଶ ପଗଲା ଗୟା' ବୋଲି ଦର୍ଶାଉଥିଲେ । ସେମାନଙ୍କ ପାଇଁ ଏହା ଶକ୍ତ ଜବାବ । ଲୋକମାନେ ବିକାଶ ଓ ସାଧୁତାକୁ ଭୋଟ୍ ଦେଇଛନ୍ତି । ଯେଉଁମାନେ ବିକାଶର ଉପହାସ କରୁଥିଲେ ସେମାନଙ୍କୁ ଉଚିତ୍ ଶିକ୍ଷା ମିଳିଛି

### ବିଜେପିର ଗର୍ବ ଭାଙ୍ଗିଲା : ବିଜେଡି

ବିଜେପିର ଦୁର୍ଗ ଭାବେ ପରିଚିତ ଗୁଜରାଟରେ ବିଜେପି ୧୫୦ରୁ ଅଧିକ ଆସନ ଜିତିବ ବୋଲି ଆସ୍ଫାଳନ କରୁଥିଲା । କିନ୍ତୁ ଏଠାରେ ଦଳ ୧୦୦ ମଧ୍ୟ ଟପି ପାରିନଥିବାରୁ ବିଜେପିର ଗର୍ବ ଭାଙ୍ଗିଥିବା କହିଛି ବିଜୁ ଜନତା ଦଳ । ଏହାର ପ୍ରବକ୍ତା ବିଜୟ ନାୟକ ଭୁବନେଶ୍ୱର ଠାରେ ଏହି ଟିପ୍ପଣୀ କରିଛନ୍ତି ।

## ରାଜ୍ୟ ସରକାର ଏମପିଏଫ ଫଣ୍ଡ ଫେରାନ୍ତୁ : ଜୁଏଲ



ନୂଆଦିଲ୍ଲୀ, ୧୮/୧୨(ଏଜେନ୍ସି) କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କହିଛନ୍ତି କେନ୍ଦ୍ରୀୟ ଯୋଜନାରେ ମେକାନିଜିମ୍ ଫର ମାର୍କେଟିଂ ଅଫ ମାଇନର ଫରେଷ୍ଟ ପ୍ରଡ୍ୟୁସ୍ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଡେଭଲପମେଣ୍ଟ ଅଫ୍ ଭ୍ୟାଲୁ ଚେନ ଅନ୍ତର୍ଗତ ବିଭିନ୍ନ ଯୋଜନା ନିମନ୍ତେ ରାଜ୍ୟ ସରକାରଙ୍କୁ ଯେଉଁ କେନ୍ଦ୍ରୀୟ ଅନୁଦାନ ମିଳିଥିଲା ତାହା ଉପଯୋଗ ନହୋଇ ପଡିରହିଛି । ଉପଯୋଗ ହୋଇନଥିବା ରାଶିକୁ ତୁରନ୍ତ କେନ୍ଦ୍ର ସରକାରଙ୍କୁ ଫେରାଇବା ପାଇଁ ସେ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ବାବଦରେ ରାଜ୍ୟ ସରକାରଙ୍କୁ ୪୯.୪୧ କୋଟି ଟଙ୍କା ଦିଆଯାଇଥିଲା । ସେଥିରୁ ଗତ ୪ ବର୍ଷ ମଧ୍ୟରେ ରାଜ୍ୟ ସରକାର ମାତ୍ର ୩.୮ କୋଟି ଟଙ୍କା ଉପଯୋଗ କରିଛନ୍ତି ।

## ଲୋକସଭାରେ ହଙ୍ଗାମା ମଧ୍ୟରେ ୫ଟି ବିଲ୍ ଆଗତ



ନୂଆଦିଲ୍ଲୀ, ୧୮/୧୨(ଏଜେନ୍ସି) ସୋମବାର ଲୋକସଭାରେ ହଙ୍ଗାମା ମଧ୍ୟରେ କେନ୍ଦ୍ର ସରକାର ୫ଟି ବିଲ୍ ଆଗତ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଆଜି ଲୋକସଭାରେ କଂଗ୍ରେସ ଓ ବାମଦଳଗୁଡିକ ପ୍ରବଳ ହଙ୍ଗାମା କରିଥିଲେ । ଏହି ହଙ୍ଗାମା ମଧ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ଅତିରିକ୍ତ ବଜେଟ୍ ଆଗତ କରିଥିଲେ । ଏହା ବ୍ୟତିତ୍ ଶିକ୍ଷକଙ୍କ ଶିକ୍ଷା ପାଇଁ ରାଷ୍ଟ୍ରୀୟ ପରିଷଦ ଗଠନ ବିଲ୍, ଗ୍ରାଚୁଇଟି ସଂଶୋଧନ ବିଲ, ଦନ୍ତ ଚିକିତ୍ସକ ସଂଶୋଧନ ବିଲ, ଜଙ୍ଗଲ ସଂଶୋଧନ ବିଲ, ଜନପ୍ରତିନିଧି ସଂଶୋଧନ ବିଲ୍ ମଧ୍ୟ ଗୃହରେ ଆଗତ କରାଯାଇଛି । ତେବେ ବିରୋଧିଙ୍କ ହଙ୍ଗାମା ଯୋଗୁ ବାଚସ୍ପତି ସୁମିତ୍ରା ମହାଜନ ଗୃହକୁ ମଙ୍ଗଳବାର ପାର୍ଯ୍ୟନ୍ତ ମୁଲତବୀ କରିଛନ୍ତି ।

## ଜୀବନ ହାରିଲେ ଆଉ ଜଣେ ଚାଷୀ

ସୋର ୧୮/୧୨(ଶ୍ରୁମି) ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଗୌରାଙ୍ଗ ବାରିକ୍ ନାମକ ଜଣେ ଚାଷୀ ଫସଲହାନୀ କାରଣରୁ ଋଣ ଚିନ୍ତାରେ ଜୀବନ ହାରିଛନ୍ତି । ସେ ସ୍ଥାନୀୟ ବ୍ୟାଙ୍କ ଓ କିଛି ଲୋକଙ୍କ ଠାରୁ ଋଣ ଆଣି ଚାଷ କରିଥିଲେ । କିନ୍ତୁ ଚକଡା ପୋକ ଓ ସ୍ୱଳ୍ପ ବୃଷ୍ଟି ଯୋଗୁ ସେ ଚିନ୍ତାରେ ଥିଲେ ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି । ସେ ଗୋବିନ୍ଦପୁର ସୋସାଇଟରୁ ୧୨ ହଜାର ଟଙ୍କା, ଔପଦା ସମବାୟ ବ୍ୟାଙ୍କରୁ ୧୫ ହଜାର ଟଙ୍କା, ବନ୍ଧନ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଓ ସ୍ପନ୍ଦନ ସଂସ୍ଥାରୁ ୨୧ ହଜାର ଟଙ୍କା ଋଣ କରିଥିଲେ । ସେ ଭାଗରେ ପ୍ରାୟ ୫ ଏକର ଜମି ଆଣି ଚାଷ କରିଥିଲେ । ଫସଲହାନୀ ଦେଖି ସେ ରବିବାର ସନ୍ଧ୍ୟାରେ ଏକ ଗଛରେ ଫାଶୀ ଦେଇଥିବା ତାଙ୍କ ପତ୍ନୀ କହିଛନ୍ତି ।

## ୨୫ରେ କୁଳଭୂଷଣଙ୍କୁ ଭେଟିବେ ତାଙ୍କ ପତ୍ନୀ ଓ ମା'

ନୂଆଦିଲ୍ଲୀ,୮/୧୨(ଏଜେନ୍ସି) : ଗୁପ୍ତଚର ଅଭିଯୋଗରେ ଫାଶୀ ଦଣ୍ଡାଦେଶ ପାଇଥିବା ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ କୁଳଭୂଷଣ ଯାଦବଙ୍କୁ ସାକ୍ଷାତ ଲାଗି ଭିସା ମିଳିଥିବା ପାକିସ୍ତାନସ୍ଥିତ ଭାରତୀୟ ଦୂତାବାସ (ଉଚ୍ଚାୟୁକ୍ତ)ଙ୍କୁ ପାକ ସରକାର ଅବଗତ କରିଛନ୍ତି । କୁଳଭୂଷଣ ଯାଦବଙ୍କୁ ତାଙ୍କ ପତ୍ନୀ ଓ ମା' ଭେଟିବା ପାଇଁ ଯେଉଁ ଭିସା ଆବେଦନ କରିଥିଲେ ତାହାକୁ ପାକିସ୍ତାନ ଗ୍ରହଣ କରି ଭିସା ପ୍ରଦାନ କରିଛି । ସେମାନେ ଆସନ୍ତା ୨୫ ତାରିଖରେ କୁଳଭୂଷଣଙ୍କୁ ଭେଟିପାରିବେ । ଏଥିନେଇ ପାକିସ୍ତାନର ବୈଦେଶିକ ମନ୍ତ୍ରାଳୟ ଭାରତ ସରକାରଙ୍କୁ ଅବଗତ କରାଇଛନ୍ତି ।

## ଅବସର ନେଲା ବୋଇଂ-୭୪୭

ୱାସିଂଟନ, ୧୮/୧୨(ଏଜେନ୍ସି) ସବୁଦିନ ପାଇଁ ଆମେରିକାର ଆକାଶରୁ ଅବସର ନେଇଛି ବୋଇଂ-୭୪୭ ଯାତ୍ରୀବାହୀ ବିମାନ । ଏହି ବିମାନ ଆଉ ଯାତ୍ରୀମାନଙ୍କୁ ନେଇ ଉଡାଣ ଭରିବ ନାହିଁ । ଜୁମ୍ବୋ ଜେଟ୍ ଭାବେ ପରିଚିତ ଏହି ବିମାନ ଆମେରିକା ଓ ୟୁରୋପର ପ୍ରମୁଖ ବିମାନଗୁଡିକ ମଧ୍ୟରେ ମୁଖ୍ୟ ବିମାନ ଥିଲା । ୧୯୬୯ ଫେବୃଆରୀମାସରୁ ଏହା କମର୍ସିଆଲ୍ ପରିବହନରେ ମୁତୟନ ହୋଇଥିଲା । ଏଥିରେ ୬୦୦ରୁ ଅଧିକ ଯାତ୍ରୀ ଯାତ୍ରା କରିପାରୁଥିଲେ ।

# ଟି-୨୦ ମ୍ୟାଚ୍ ପାଇଁ ଟ୍ରାଫିକ୍ କଟକଣା

କଟକ, ୧୮/୧୨(ଶ୍ରୁ.ମି.) : ବାରବାଟୀ ଷ୍ଟାଡିୟମରେ ଆସନ୍ତା ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି ଟି୨୦ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ । ମ୍ୟାଚ ପାଇଁ କମିଶନରେଟ ପୁଲିସ ପକ୍ଷରୁ ଯାନବାହାନ ନିୟନ୍ତ୍ରଣ କଟକଣା କରାଯାଇଛି । ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ ପୁଲିସ ପକ୍ଷରୁ ୨୦ ତାରିଖ ଦିବା ୧୨ ଘଟିକାରୁ ଏହି କଟକଣା ଲାଗୁହେବ । ଭିଡ ଭାଙ୍ଗିବା ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଜାରି ରହିବ ବୋଲି କଟକ ଡିସିପି ଅଖିଳେଶ୍ୱର ସିଂହ ସୂଚନା ଦେଇଛନ୍ତି । ପୁଲିସ ମୁଖ୍ୟାଳୟ ଗେଟ୍‌ଆଡୁ ଆସୁଥିବା ଗାଡିଗୁଡିକ ଚିଫ୍ ଜଷ୍ଟିସ ବଙ୍ଗଳା ଛକଠାରୁ କୌଣସି ଯାନବାହାନ ଷ୍ଟାଡିୟମ ଆଡକୁ ଯାଇପାରିବ ନାହିଁ । ମ୍ୟାଚ ସମୟରେ ରିଂରୋଡରେ ଆସୁଥିବା ସମସ୍ତ ଗାଡି ମହାନଦୀ ରିଙ୍ଗ୍‌ରୋଡ୍‌ରେ ତଳ ବାଲିଯାତ୍ରା ପଡିଆରେ ପାର୍କିଂ କରିପାରିବେ । ସେହିପରି ମାତାମଠ ଆଡୁ ଆସୁଥିବା ଯାନବାହାନଗୁଡିକ ବାଲିଯାତ୍ରା ପଡିଆରେ ଥିବା ଷ୍ଟାଣ୍ଡରେ ଗାଡି ରଖିବେ । ସେହିପରି ହରିଣ ପାର୍କ ଛକରୁ ଆସୁଥିବା ଯାନଗୁଡିକ ବାଉଁଶ ଡିପୋ ଗଡାରେ ଯାଇ ବାଲିଯାତ୍ରା ପଡିଆରେ ଥିବା ଷ୍ଟାଣ୍ଡରେ ଗାଡି ରଖିପାରିବେ । କିନ୍ତୁ ହରିଣପାର୍କ ବା ମଧୁସୂଦନ ନଗର ଓ ବିଜୁ ପଟ୍ଟନାୟକ ଛକଠାରୁ ମଧୁସୂଦନ ନଗର ଆଡକୁ ଆସୁଥିବା ଯାନବାହନ ଆନନ୍ଦଭବନ ସମ୍ମୁଖରେ ଥିବା ଷ୍ଟାଣ୍ଡରେ ରଖିବେ । ଚଣ୍ଡିଛକ ଆଡୁ ଆସୁଥିବା ଯାନବାହାନ ପିଏଚଡି ଅଫିସ ଆଗକୁ ଯାଇପାରିବେ ନାହିଁ । ବକ୍ସିବଜାର ପୁଲିସ ଲାଇନ ଆଡୁ ଆସୁଥିବା ଗାଡିଗୁଡିକ ଓପିଏ ଛକଠାରୁ ବାମକୁ ଭାଙ୍ଗି ନାରୀସେବା ସଦନ ହନୁମାନ ଛକଠାରୁ ଡାହାଣ ପଟ ରାସ୍ତା ଦେଇ କେବିକେ ରୋଡରେ ଯାଇପାରିବ ନାହିଁ । ଆନନ୍ଦ ଭବନ ଛକରୁ କେବଳ କଟକ କ୍ଲବ କାର୍ଡ ହୋଲଡର ବା ପାସ ପାଇଥିବା ବ୍ୟକ୍ତି ଫୋର୍ଟ ଗେଟ ପର୍ଯ୍ୟନ୍ତ ଯାଇପାରିବେ ବୋଲି ଟ୍ରାଫିକ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଫୋର୍ଟ ଗେଟରୁ କୌଣସି ଯାନବାହାନ ଷ୍ଟାଡିୟମ ଆଡକୁ ଯାଇପାରିବେ ନାହିଁ । ସେହିପରି ଓସିଏ ପାସ ପାଇଥିବା ବ୍ୟକ୍ତି ମଧୁସୂଦନ ଷ୍ଟାଚ୍ୟୁ କିମ୍ବା ନାରୀସେବା ସଦନ ଛକଦେଇ ଯାଇ ଷ୍ଟାଡିୟମର ୧ ନମ୍ବର ଗେଟ ଓ ୧୪ ନମ୍ବର ଗେଟ ପଡିଆ ସହିତ କ୍ରିକେଟ ଏକାଡେମୀ ପଡିଆରେ ପାର୍କିଂ କରିପାରିବେ । ବେଆଇନ ଭାବେ ପାର୍କିଂ କରିଥିବା ଗାଡି ମୋଟରକୁ ଟ୍ରଫିକ ପୁଲିସ କ୍ରେନ ଦ୍ୱାରା ଉଠାଇ ନେବାକୁ ଚେତାବନୀ ଦିଆଯାଇଛି ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ରାଜ୍ୟ ପରିଷଦ ବୈଠକ

କଟକ, ୧୮/୧୨(ଶ୍ରୁ.ମି.) : ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଶିକ୍ଷକ ସଂଗଠନ ଏକହୋଇ ଛାତ୍ରଛାତ୍ରୀଙ୍କ ନୈତିକ ପରିବର୍ତ୍ତନ ପାଇଁ ଉଦ୍ୟମ କରିପାରିଲେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ରାଜ୍ୟ ପରିଷଦ ବୈଠକ ଓ ପୂଜ୍ୟପୂଜା ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସରକାରୀ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ମତବ୍ୟକ୍ତ କରିଛନ୍ତି । ହରିପୁରରୋଡ଼ସ୍ଥିତ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେଡେରେସନର ସଭାପତି ହୃଦାନନ୍ଦ ଦ୍ୱିବେଦୀ ପୌରୋହିତ୍ୟ କରିଥିଲେ । ରାଜ୍ୟ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ବିଧାୟକ ଦେବାଶିଷ ସାମନ୍ତରାୟ, ଆଇନଜୀବୀ ଅସୀମ ଅମିତାଭ ଦାସ, ଅନଙ୍ଗ କୁମାର ଓତା ଓ କୃଷ୍ଣଚନ୍ଦ୍ର ସାହୁ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଫେଡେରେସନର ସଂଶୋଧିତ ସମ୍ବିଧାନ ସଂସ୍କରଣ ଉନ୍ମୋଚିତ ହୋଇଥିଲା । ରାଜ୍ୟ ସଂଗଠନର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତ, ପୂର୍ବତନ ରାଜ୍ୟ ସଭାପତି ଜଗନ୍ନାଥ ମହାନ୍ତି, ବାଲେଶ୍ୱରର କାଳୀପଦଚନ୍ଦ୍ର, କେନ୍ଦ୍ରାପଡ଼ାର ଭ୍ରମରବର ରାଉତ ଓ ଢେଙ୍କାନାଳର ବିମ୍ବାଧର ସାମଲଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାସଚିବ ଅମୀୟ କୁମାର ଦାଶ ବିବରଣୀ ପାଠ କରିଥିଲେ । ସଂଗଠନର ସଂଯୋଜିକା ଚାରୁଲତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଉପସଭାପତି ବିଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଗୁଜୁରାଟ ଓ ହିମାଚଳବାସୀ ବିକାଶକୁ ପ୍ରାଧାନ୍ୟ ଦେବା ସହ ମୋଦିଙ୍କ ନେତୃତ୍ୱ ପ୍ରତି ଦୃଢ ଆସ୍ଥା ପ୍ରକଟ କରିଛନ୍ତି : ବିଜେପି



- ଗୁଜୁରାଟ ଓ ହିମାଚଳବାସୀଙ୍କୁ ଅଭିନନ୍ଦନ ଜଣାଇଲା ରାଜ୍ୟ ବିଜେପି
- ଗୁଜୁରାଟର ସୁରତରେ ବାସ କରୁଥିବା ୭ ଲକ୍ଷରୁ ଉର୍ଦ୍ଧ ଓଡିଆ ବିଜେପିକୁ ସମର୍ଥନ କରିଥିବା କାରଣରୁ ଧନ୍ୟବାଦ ଜ୍ଞାପନ
- ଆଜିର ନିର୍ବାଚନ ଫଳାଫଳ ଆଗାମୀ ଦିନରେ ଓଡିଶାରେ ନିଶ୍ଚିତ ଭାବେ ପ୍ରଭାବ ପକାଇବ

ଭୁବନେଶ୍ୱର, ୧୮/୧୨(ଶ୍ରୁ.ମି.) : ଗୁଜୁରାଟରେ ୬ଷ୍ଠ ଥର ପାଇଁ ଏବଂ କ୍ରମାଗତଃ ୫ମ ଥର ପାଇଁ ଭାରତୀୟ ଜନତା ପାର୍ଟି ସରକାର ଗଢିବାକୁ ଯାଉଛି । ବିରୋଧୀ କଂଗ୍ରେସ ଦଳ ଅନ୍ୟ ସମସ୍ତ ଛୋଟ ରାଜନୈତିକ ଦଳ ସହ ଏକତ୍ରିତ ହୋଇ ବିଜେପି ବିରୁଦ୍ଧରେ ଏକଜୁଟ ହୋଇଥିବା ସତ୍ୱେ ଗୁଜୁରାଟର ଜନସାଧାରଣ ବିକାଶକୁ ପ୍ରାଧାନ୍ୟ ଦେବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ନେତୃତ୍ୱକୁ ବିପୁଳ ସମର୍ଥନ କରି ବିଜେପିକୁ ଆହୁରି ଶକ୍ତିଶାଳୀ କରିଛନ୍ତି । ସେହିପରି ହିମାଚଳ ପ୍ରଦେଶରେ ମଧ ସାଧାରଣ ଜନତା କଂଗ୍ରେସ ହାତରୁ କ୍ଷମତା ଛଡାଇ ନେଇ ସରକାର ଗଢିବା ଦାୟିତ୍ୱ ବିଜେପି ଉପରେ ନ୍ୟସ୍ତ କରିଛନ୍ତି । ଗୁଜୁରାଟ ଏବଂ ହିମାଚଳ ପ୍ରଦେଶ ନିର୍ବାଚନରେ ବିଜେପି ବିପୁଳ ପରିମାଣର ଭୋଟ୍‌ରେ ବିଜୟୀ ହୋଇ ସରକାର ଗଠନ କରିବାକୁ ଯାଇଛି । ଏହି ସଫଳତା କାରଣରୁ ଉଭୟ ଗୁଜୁରାତ ଓ ହିମାଚଳପ୍ରଦେଶର ଜନସାଧାରଣଙ୍କ ସହ ଉଭୟ ରାଜ୍ୟର ଭାରତୀୟ ଜନତା ପାର୍ଟିର ନେତୃବୃନ୍ଦଙ୍କ ସମେତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟ ବିଜେପି ଶାଖା ଧନ୍ୟବାଦ ସହ ଅଭିନନ୍ଦନ ଜ୍ଞାପନ କରୁଛି ବୋଲି ରାଜ୍ୟ ବିଜେପି ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି । ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ସମଗ୍ର ଭାରତ ବର୍ଷରେ ବିଜେପିର ବିକାଶ ରାଜନୀତିକୁ ଆହୁରି ଦୃଢୀଭୂତ କରିଛି । ସାଧାରଣ ଲୋକଙ୍କ ପ୍ରତି ପ୍ରତିବଦ୍ଧତା, ବିକଶିତ କରିବାର ରାଜନୀତି, ଯୁବକ, ଆଦିବାସୀ, ପଛୁଆବର୍ଗ, ମହିଳା, ବ୍ୟବସାୟୀ ଏବଂ ସମସ୍ତ ସାଧାରଣ ଲୋକଙ୍କ ପାଖରେ ଭାରତୀୟ ଜନତା ପାର୍ଟି ଆଦୃତ ହୋଇଛି । କଂଗ୍ରେସର ଜିଏସଟି, ବିମୁଦ୍ରାକରଣକୁ ବିରୋଧ ଓ ଜାତିବାଦ ସହ ପାକିସ୍ତାନର ଯୋଜନା ସତ୍ୱେ ଗୁଜୁରାଟବାସୀ ଭାରତୀୟ ଜନତା ପାର୍ଟିର ବିକାଶ ରାଜନୀତିକୁ ଆହୁରି ଅଧିକ ସମର୍ଥନ କରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ଓଡିଶାର ୭ଲକ୍ଷରୁ ଅଧିକ ଲୋକ ଓଡିଶାରେ ରୋଜଗାର ନପାଇ ଗୁଜୁରାଟର ସୁରତରେ ବାସ କରୁଥିବାବେଳେ ସେମାନେ ମୋଦିଙ୍କ ଉପରେ ବିଶ୍ୱାସ ରଖି ଗୁଜୁରାଟ ନିର୍ବାଚନରେ ସଂପୂର୍ଣ୍ଣଭାବେ ସମର୍ଥନ କରିଥିବାରୁ ଓଡିଶା ଭାରତୀୟ ଜନତା ପାର୍ଟି ସେମାନଙ୍କୁ ଧନ୍ୟବାଦ ଜଣାଇଛି । ଗଂଜାମ ଜିଲ୍ଲାର ପ୍ରମୁଖ ନେତା ଓ କାର୍ଯ୍ୟକର୍ତାମାନେ ଗୁଜୁରାଟ ଯାଇ ଓଡିଶା ଲୋକଙ୍କ ସହଯୋଗ ଲୋଡିଥିବାରୁ ରାଜ୍ୟ ବିଜେପି ସେମାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ବକ୍ସିପାତ୍ର ଆନନ୍ଦ ପ୍ରକାଶ କରି କହିଛନ୍ତି । ବହୁ ପ୍ରତିକ୍ଷିତ ଆଜିର ଏହି ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଭାରତୀୟଙ୍କ ସଂପୂର୍ଣ୍ଣ ଆସ୍ଥା ପ୍ରକଟକୁ ପ୍ରମାଣିତ କରୁଛି ଏବଂ ଆଗାମୀ ଦିନରେ ରାଷ୍ଟ୍ରୀୟ ରାଜନୀତି ଓ ଓଡିଶାର ରାଜନୀତିରେ ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ଶ୍ରୀ ବକ୍ସିପାତ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଶ୍ରୀ ବକ୍ସିପାତ୍ରଙ୍କ ସମେତ ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ଶ୍ରୀ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇ ବାଇକ ଦୁର୍ଘଟଣା; ଜଣେ ମୃତ ଦୁଇ ଗୁରୁତର, ଜଣେ ଆହାତ



ନିଶ୍ଚିନ୍ତକୋଇଲି, ୧୮/୧୨(ଶ୍ରୁ.ମି.) : ଆଜି ସଂଧ୍ୟାରେ ନିଶ୍ଚିନ୍ତକୋଇଲି ବ୍ଲକର ସୀମାନ୍ତରେ ଅବସ୍ଥିତ କଟିକଟା ଠାରେ କଟକ-ଚାନ୍ଦବାଲି ରାସ୍ତା ଉପରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ସଂଘର୍ଷରେ ଜଣେ ମୃତ୍ୟୁ ବରଣ କରିଥିଲା ବେଳେ ତିନି ଜଣ ଗୁରୁତର ଭାବେ ଆହାତ ହୋଇଛନ୍ତି । ଆହାତଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ମାହାଙ୍ଗା ଥାନା ଗୋପାଳପୁର ଗ୍ରାମ ପଞ୍ଚାୟତ ନଇଗୁଆଁ ଗ୍ରାମର ନାରାୟଣ ସାହୁ ୪୫ ବର୍ଷ ଓ ବିଚିତ୍ରା ନନ୍ଦ ସାହୁଙ୍କ ପୁତ୍ର କାହ୍ନୁଚରଣ ସାହୁ ୪୦ ବର୍ଷ ସ୍ପ୍ଲେଣ୍ଡର ଗାଡି ନଂ ଓଡି ୦୪ ଜେ ୧୫୦୧ ଯୋଗେ କଟିକଟାରୁ ଚାନ୍ଦୋଳ ଆଡକୁ ଯାଉଥିଲା ବେଳେ କେନ୍ଦ୍ରାପଡା ଜିଲ୍ଲା ଭାଗବତପୁର ଗ୍ରାମ ପଞ୍ଚାୟତ ପୋଇଲୋ ଗ୍ରାମର ଗୋଲଖ ବେଜଙ୍କ ପୁତ୍ର ମନୋଜ ବେଜ ୨୫ ବର୍ଷ ଏବଂ ଶଙ୍କର୍ଷଣ ଦାଶଙ୍କ ପୁତ୍ର ଦେବାଶୀଷ ଦାଶ ହୋଣ୍ଡା ସାଇନ ଗାଡି ନଂ ଓଡି ୨୯ ବି ୮୩୯୦ ଯୋଗେ କଟକ ଅଭିମୁଖେ ଆସୁଥିଲା ବେଳେ କଟିକଟା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ କର୍ମଚାରୀଙ୍କ ସହାୟତାରେ ଏହି ଚାରି ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମନୋଜ ବେଜ ମୃତ୍ୟୁ ବରଣ କରିଥିଲା ବେଳେ ନଇଗୁଆଁ ଗ୍ରାମର ନାରାୟଣ ସାହୁ ଓ ପୋଇଲୋ ଗ୍ରାମର ଦେବାଶୀଷ ଦାଶ ଗୁରୁତର ଭାବେ ଆହାତ ହୋଇଛନ୍ତି । ଏହି ଆହତ ଦ୍ୱୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ତେବେ କାହ୍ନୁଚରଣ ସାହୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ନିଶ୍ଚିନ୍ତକୋଇଲି ଥାନା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଚନ୍ତି । ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି ।

# ଓଟିଇଟି ପରୀକ୍ଷା ଫଳ ପ୍ରକାଶ

କଟକ, ୧୮/୧୨(ଶ୍ରୁ.ମି.) : ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡିଶା ଟିଚର ଇଲିଜିବିଲିଟି ଟେଷ୍ଟ (ଓଟିଇଟି)୨୦୧୭ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି । ଚଳିତ ବର୍ଷ ପାସ ହାର ୨୪.୫୮ ପ୍ରତିଶତ ହୋଇଛି । ଗତ ସେପ୍ଟେମ୍ବର ୨୫ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାର ପେପର ୧ ରେ ମୋଟ ୫୫ ହଜାର ୧୫୪ ଜଣ ପରୀକ୍ଷର୍ଥୀ ଫର୍ମ ଫିଲପ କରିଥିବା ବେଳେ ୫୨୫୩ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ । ଜଣେ ମାଲପ୍ରାକ୍ଟିସ ହୋଇଥିବା ବେଳେ ୧୩ ହଜାର ୬୦୫ ଜଣ ପରୀକ୍ଷାର୍ଥୀ ଅର୍ଥାତ୍ ୨୪.୬୭ ପ୍ରତିଶତ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ପେପର ୨ରେ ୩୯ ହଜାର ୭୦୧ ଜଣ ପରୀକ୍ଷାର୍ଥୀ ପୀକୃତ ହୋଇଥିବା ବେଳେ ୪୪୮୧ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ । ଜଣେ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗରେ ମାଲ ପ୍ରାକ୍ଟିସ ହୋଇଥିବା ବେଳେ ୯୭୧୭ ଜଣ ଅର୍ଥାତ୍ ୨୪.୪୮ ପ୍ରତିଶତ ଯୋଗ୍ୟତା ହାସଲ କରିଛନ୍ତି । ମୋଟ ୯୪ ହଜାର ୮୫୫ ଜଣ ପୀକୃତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୭୩୪ ଜଣ ଅନୁପସ୍ଥିତ ରହିଥିବା ବେଳେ ୨ ଜଣ ମାଲ ପ୍ରାକ୍ଟିସ ଅଭିଯୁକ୍ତ ହୋଇଛନ୍ତି । ଏହି ପରୀକ୍ଷା ଫଳ ମାଧ୍ୟମିକ ଶିକ୍ଷା ବୋର୍ଡର ୱେବସାଇଟ www.bseodisha.ac.in ରେ ଉପଲବ୍ଧ ହେଉଥିବାରୁ ପରୀକ୍ଷାର୍ଥୀମାନେ ସେମାନଙ୍କର ରୋଲ୍ ନମ୍ବର କ୍ଲିକ୍ କରି ପରୀକ୍ଷା ଫଳ ଡାଉନଲୋଡ୍ କରିପାରିବେ । ଆହୁରି ମଧ ଆଜିଠାରୁ ୭ ଦିନ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନଙ୍କର ଓଏମଆର ପରୀକ୍ଷା ଖାତାର ସ୍କାନ୍ କପି ଏହି ୱେବସାଇଟ୍‌ରେ ଉପଲବ୍ଧ ହୋଇଛି । ପରୀକ୍ଷାର୍ଥୀମାନେ ତାହା ମଧ ସେମାନଙ୍କର ରୋଲ୍ ନମ୍ବର କ୍ଲିକ୍ କରି ଡାଉନଲୋଡ୍ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ନିୟନ୍ତ୍ରକ ଡଃ ନିହାର ରଂଜନ ମହାନ୍ତି ଜଣାଇଛନ୍ତି ।

**ପାସ ହାର ୨୪.୫୮%**

# ଚାରୋଟି ପେଟ୍ରୋଲ ପମ୍ପ ଉପରେ ଚଢାଉ

କଟକ, ୧୮/୧୨(ଶ୍ରୁ.ମି.) : ଆଜି ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ ମାପ ଓଜନ ବିଭାଗର ଅଧିକାରୀମାନେ କଟକ ସହର ସହିତ ଜଗତପୁର ଅଂଚଳରେ ଥିବା ୪ଟି ପେଟ୍ରୋଲ ପମ୍ପରେ ଚଢାଉ କରିଛନ୍ତି । ଜିଲ୍ଲାପାଳ ସୁଶାନ୍ତ ମହାପାତ୍ରଙ୍କ ପରାମର୍ଶ କ୍ରମେ ଯୋଗାଣ ବିଭାଗ ଓ ମାପ ଓଜନ ବିଭାଗ ପକ୍ଷରୁ ଏହି ମିଳିତ ଚଢଉ କରାଯାଇଥିଲା । ମୁଖ୍ୟତଃ ପେଟ୍ରୋଲ ପମ୍ପ ଗୁଡିକରେ ଓଜନରେ ଠକେଇ ଅଭିଯୋଗକୁ ଭିତ୍ତି କରି ଏହି ଚଢାଉ କରାଯାଇଥିଲା । ସିଡିଏ ରେ ଥିବା ବିଶ୍ୱାଳ ପେଟ୍ରୋଲ ପମ୍ପରେ ଚଢାଉ ବେଳେ ଅପଡେଟ୍ ହୋଇନଥିବା ଅଭିଯୋଗରେ ଚାରୋଟି ନୋଜଲକୁ ସିଲ୍ କରାଯାଇଛି । ସେହିପରି ଏହି ପମ୍ପ ପରିସରରେ ଥିବା ଏକ ଜାର୍‌ରେ ଗଛିତ ହୋଇ ରହିଥିବା ୪୦ ଲିଟର ଡିଜେଲକୁ ଅଧିକାରୀମାନେ ଜବତ କରିଥିଲେ । ସେହିଭଳି ଜଗତପୁର ଇମାମନଗରରେ ଥିବା ଇଷ୍ଟର୍ଣ୍ଣ କନଷ୍ଟ୍ରକସନ ପେଟ୍ରୋଲ ପମ୍ପରେ ଚଢାଉ କରାଯାଇ ନୋଜଲଗୁଡିକ ତଦାରଖ କରାଯାଇଥିଲା । ତେବେ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନଥିଲେ ହେଁ ବାଙ୍କି ଓ ଆଠଗଡର ଗୋଟିଏ ଲେଖାଏ ପମ୍ପରେ ଚଢାଉ କରାଯାଇଥିବା ଯୋଗାଣ ଅଧିକାରୀ ଅମର ମହାପାତ୍ର ସୂଚନା ଦେଇଛନ୍ତି ।

# ତ୍ରିଦିବସୀୟ ଶିଶିର ଉତ୍ସବ ଉଦ୍‌ଯାପିତ

କଟକ, ୧୮/୧୨(ଶ୍ରୁ.ମି.) : ସାହିତ୍ୟ ସଂସଦ ଆନୁକୂଲ୍ୟରେ ତିନି ଦିନ ବ୍ୟାପି ୫୮ତମ ଶିଶିର ଉତ୍ସବ ଏବଂ ଓଡିଆ ଲେଖକ ସମ୍ମେଳନ ଟାଉନହଲଠାରେ ଉଦ୍‌ଯାପିତ ହୋଇଯାଇଛି । ଡ. ପ୍ରଫୁଲ୍ଲ କୁମାର ଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ବିଜୟାନନ୍ଦ ସିଂହ, ଡା. ଶୈଳେଶ୍ୱର ନନ୍ଦ, ଡ. ସୁବାସିନୀ ଲେଙ୍କା ଓ ଯଜ୍ଞଦତ ସାମନ୍ତରାୟଙ୍କୁ ପ୍ରଧାନ ଅତିଥି ବର୍ଷିୟାନ ସାହିତ୍ୟିକା ମନୋରମା ମହାପାତ୍ର ଶିଶିର ସମ୍ମାନ-୨୦୧୭ରେ ସମ୍ମାନିତ କରିଥିଲେ । ପ୍ରଜ୍ଞା ପାରମିତା ଆଚାର୍ଯ୍ୟ, ବିଶ୍ୱମିତ୍ରା ମିଶ୍ର, ଶକ୍ତିପ୍ରଦା ମହାପାତ୍ର ଓ ଜ୍ୟୋସ୍ନାମୟୀ ପାଣି ମାନପତ୍ର ପାଠ କରିଥିଲେ । ଏହି ଉତ୍ସବରେ ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣା, ଡ. ଧିରେନ୍ଦ୍ର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ବେଦପାଠ କରିବା ପରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟ ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ସଂଗଠନ ସଂପାଦକ ସୁରଜିତ ନାଥ ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଭାପତି ଇନ୍ଦ୍ରଜିତ ଘୋଷ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ । ସର୍ବଶେଷରେ ଡ. ନିଳିମା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ସାହିତ୍ୟ ଆଲୋଚନା ରାଷ୍ଟ୍ରଦୀପ ସଭାଗୃହରେ କବି ଗୁରୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଡ. ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କଟକ ଟାଉନ ହଲରେ ଦ୍ୱିତୀୟ ଦିନ ଅନୁଷ୍ଠିତ ଗଳ୍ପ ଓ କବିତା ପାଠୋତ୍ସବ କବି ଆଭାକାନ୍ତ ମହାନ୍ତି ଓ ତ୍ରିଲୋଚନ ମହାକୁଡ ସଂଯୋଜନା କରିଥିଲେ । ୩୩ ଜଣ କବି ଓ ଗାଳ୍ପିକ କବିତା ଓ ମିନି ଗଳ୍ପ ପାଠ କରିଥିଲେ ।

# ପ୍ଲାଷ୍ଟିକ୍ ଅଟା ଗୁଜବ !!

କଟକ, ୧୮/୧୨(ଶ୍ରୁ.ମି.) : ଅଟା ଓ ଚାଉଳ ହେଉଛି ମାନବ ଜାତିର ପ୍ରଧାନ ଖାଦ୍ୟ । ଏବେ ଦେଶରେ ପ୍ରାୟ ୬୦ ଭାଗରୁ ଅଧିକ ଲୋକଙ୍କର ମଧୁମେହ ରୋଗ ଥିବାରୁ ସେମାନେ ଭାତ ବଦଳରେ ରୁଟି ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଏଣୁ ଅଟା ଯଦି ପ୍ଲାଷ୍ଟିକ୍ ହୁଏ ତେବେ ମଣିଷ ଖାଇବ କ'ଣ ? ଏହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ଗୁରୁବାରରେ କେନ୍ଦ୍ରାପଡା ଓ ଶୁକ୍ରବାରରେ ପାରାଦୀପରେ ପ୍ଲାଷ୍ଟିକ ଅଟା ସଂପର୍କରେ ଅଭିଯୋଗ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ ହେବା ପରେ ସାଧାରଣ ଲୋକେ ଆତଙ୍କିତ ହୋଇପଡିଛନ୍ତି । କଳାବେପାରୀମାନେ ସାଧାରଣତଃ ଚାଉଳରେ ଗୋଡି ଓ ତେଲରେ ମୋବିଲ ଇତ୍ୟାଦି କମ୍ ମୂଲ୍ୟର ସାମଗ୍ରୀ ମିଶ୍ରଣ କରି ଅଧିକ ମୂଲ୍ୟରେ ବିକ୍ରିୟ କରି ମୁନାଫା କମାଉଥିବାର ବହୁ ନଜିର ରହିଛି । କଳାବେପାରୀମାନେ ଅଟାରେ ଅଧିକ ମୂଲ୍ୟ ଥିବା ପ୍ଲାଷ୍ଟିକ ମିଶ୍ରଣ କରି କି ପ୍ରକାର ଲାଭ ଉଠାଇବେ ସେ ସଂପର୍କରେ ସାଧାରଣ ଜନତା ବୁଝିବା ଆବଶ୍ୟକ । ଏହା ଏକ ଗୁଜବ ନୁହେଁ ତ ! ଏଠାରେ ଏକ ଉଦାହରଣ ଦିଆଯାଇପାରେ ଓଡିଶା ବଜାରରେ ଅଟାର ବେପାରୀ ମୂଲ୍ୟ ୨୫ ଟଙ୍କା ରହିଥିଲା ବେଳେ ଖୁଚୁରା ମୂଲ୍ୟ ୨୭ ଟଙ୍କା ଓ ପ୍ୟାକେଟ୍ ମୂଲ୍ୟ ୩୦ ଟଙ୍କାରେ ବିକ୍ରୟ ହେଉଛି । ସେହିଭଳି ପ୍ଲାଷ୍ଟିକ ଦାନାର ମୂଲ୍ୟ ୧ଶହରୁ ୧୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ଯଦି ଜଣେ ବ୍ୟବସାୟୀ ଅଟା ସହିତ ପ୍ଲାଷ୍ଟିକ ମିଶ୍ରଣ କରେ ତେବେ ତା'ର ଲାଭ ନା କ୍ଷତି ହେବ । ତେବେ କେତେଜଣ ଖାଦ୍ୟ ପ୍ରସ୍ତୁତକାରୀ ବିଶେଷଜ୍ଞ ଙ୍କ ମତରେ ଏହା ପ୍ଲାଷ୍ଟିକ ନୁହେଁ, ଗହମର ଗ୍ଲୁଟେନ୍(ପ୍ରୋଟିନ) । ଅଟାକୁ ପାଣିରେ ଚକଟିବା ପରେ ସେଥିରେ ଥିବା ଗ୍ଲୁଟେନ୍ ଅଠା ଭଳି ହୋଇ ପ୍ଲାଷ୍ଟିକ ଭଳି ଲମ୍ବିଯାଇଥାଏ । ଏହାକୁ ସାଧାରଣ ଜନତା ନ ବୁଝି ପ୍ଲାଷ୍ଟିକ ବୋଲି ଗୁଜବ କରିଛନ୍ତି । ଗହମ ହେଉଛି ମନୁଷ୍ୟ ଜାତି ପାଇଁ ଭଗବାନଙ୍କର ଦାନ । ଗ୍ଲୁଟେନ(ପ୍ରୋଟିନ) ମଣିଷ ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ସ୍ୱାସ୍ଥ୍ୟ ବିଭାଗ ପରୀକ୍ଷା କଲେ ଗୁଜବ ର ସତ୍ୟତା ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି ।

# ଗୁଜରାଟ ନିର୍ବାଚନ ଫଳାଫଳ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳର ଆଭିମୁଖ୍ୟ ମଧ୍ୟରେ ପ୍ରଭେଦ କାହିଁକି ? - ବିଜେପି

- ବିଜେଡିର ମୁଖପାତ୍ରମାନେ ବିଜେପିର ପରାଜୟ ଓ କଂଗ୍ରେସର ବିଜୟ ପାଇଁ ଦୃଢତାର ସହ ଯୁକ୍ତି ବାଢି କଂଗ୍ରେସ ସହ ପକ୍ଷ ଭୁକ୍ତ ହୋଇ ସାରିଛନ୍ତି
- ୨୦୧୨ ବିଧାନସଭା ନିର୍ବାଚନ ତୁଳନାରେ ବିଜେପିର ଭୋଟରେ ୨.୫ ପ୍ରତିଶତ ବୃଦ୍ଧି ହୋଇଛି

ଭୁବନେଶ୍ୱର, ୧୮/୧୨(ହିସ) : ଗୁଜରାଟ ନିର୍ବାଚନ ଫଳାଫଳ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳର ଆଭିମୁଖ୍ୟ ମଧ୍ୟରେ ପ୍ରଭେଦ ଜାଣି ଶୁଣି ପ୍ରସ୍ତୁତ କରାଯାଇଛି କି ବୋଲି ବିଜେପି ଯୁବ ମୋର୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଂଜିତ ଦାସ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ଗୁଜରାଟ ନିର୍ବାଚନରେ ବିଜେପିର ଗର୍ବ ଚୁରମାର ହୋ ଇ ଯାଇଛି ବୋଲି ବିଜେଡି ପକ୍ଷରୁ ମତ ରଖାଯାଇଥିବା ବେଳେ ଗୁଜରାଟ ଓ ହିମାଚଳ ପ୍ରଦେଶରେ ବିଜୟ ପାଇଁ ବିଜେପିକୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ବିଜେଡିର ଏହା ଜାଣି ଶୁଣି ରଣ କୌଶଳ କି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ଶ୍ରୀ ଦାସ କହିଛନ୍ତି ଯେ ଗୁଜରାତ ନିର୍ବାଚନ ପ୍ରକ୍ରିୟା ଓ ଫଳ ପ୍ରକାଶ ଦିନ ବିଜେଡିର ମୁଖପାତ୍ର ମାନେ ବିଜେପିର ପରାଜୟ ଓ କଂଗ୍ରେସର ବିଜୟ ପାଇଁ ଦୃଢତାର ସହ ଯୁକ୍ତି ବାଢି କଂଗ୍ରେସ ସହ ପକ୍ଷ ଭୁକ୍ତ ହୋଇ ସାରିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି । ଗୁଜରାଟ ନିର୍ବାଚନରେ ୨୦୧୨ ତୁଳନାରେ ୨.୫ ପ୍ରତିଶତ ମତ ବଢିବାର ତଥ୍ୟ ବିଜେଡି ନେତାଙ୍କ ପାଖରେ ଥିଲେ ମଧ୍ୟ କଂଗ୍ରେସକୁ ବିଜୟମଣ୍ଡିତ କରିବା ପାଇଁ ବିଜେପି ବିରୁଦ୍ଧରେ ବୟାନବାଜୀ କରୁଛନ୍ତି ବୋଲି ସେ କହିଛନ୍ତି । ଗୁଜରାଟ ଓ ହିମାଚଳ ନିର୍ବାଚନରେ ବିଜେପିର ବିଜୟର ପ୍ରଭାବ ଓଡିଶା ନିର୍ବାଚନରେ ପଡି ବିଜେଡି ସାମନାରେ ରାଜନୈତିକ ଆହ୍ୱାନ ତିଆରି କରୁଥିବା କାରଣକୁ କଂଗ୍ରେସ ସହ ବୁଝାମଣା ରାଜନୀତିକୁ ଆଗକୁ ନେବାକୁ ବିଜେଡିର ଏପରି ବୟାନବାଜୀ ସେମାନଙ୍କର ଯୋଜନାର ଅଂଗ ବୋଲି ସେ କହିଛନ୍ତି ।

# ବିଜେଡିରେ ଯୋଗଦେଲେ ଭୀଷ୍ମ ସରଫ

ଭୁବନେଶ୍ୱର ୧୮/୧୨(ଶ୍ରୁମି) ବିଜେପି ନେତା ଭୀଷ୍ମ ସରଫ ବିଜେଡିରେ ଯୋଗଦେଲେ । ବିଜେପୁର ନିର୍ବାଚନ ପୂର୍ବରୁ ବିଜେପିର ବରିଷ୍ଠ ନେତା ଭୀଷ୍ମ ସରଫ ଓ ସ୍ଥାନୀୟ ସରପଞ୍ଚ ରାଜେଶ ସେଠ୍ ତାଙ୍କ ସମର୍ଥକମାନଙ୍କ ସହ ଆସି ଆଜି ନବୀନ ପଟ୍ଟନାୟକଙ୍କ ଭାବେ ବିଧିବଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ପୂର୍ବରୁ ବିଜେଡିରେ ଥିବା ସରଫ କହିଛନ୍ତି ଯେ, ଏହା ତାଙ୍କର ଘର ବାହୁଡା ।

# ଭୁବନେଶ୍ୱରରେ ପହଞ୍ଚିଲା ଟିମ୍ ଇଣ୍ଡିଆ

ଭୁବନେଶ୍ୱର , ୧୮/୧୨(ଶ୍ରୁମି): ଭୁବନେଶ୍ୱରରେ ପହଞ୍ଚିଛି ଟିମ୍ ଇଣ୍ଡିଆ । ଆସନ୍ତା ୨୦ ତାରିଖରେ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ମ୍ୟାଚ୍ ଖେଳିବା ନିମନ୍ତେ ଟିମ୍ ଇଣ୍ଡିଆର ଖେଳାଳୀମାନେ ଆସି ବିଶାଖପାଟନାମ୍‌ରୁ ଆସି ଭୁବନେଶ୍ୱରରେପହଞ୍ଚିଛନ୍ତି । ସେମାନେ ସ୍ଥାନୀୟ ମେଫେୟାର ହୋଟେଲ୍‌ରେ ଅବସ୍ଥାନ କରୁଛନ୍ତି । ମଙ୍ଗଳବାର ସେମାନେ ବାରବାଟି ଷ୍ଟାଡିୟମକୁ ଯାଇ ଅଭ୍ୟାସ କରିବେ । ଭାରତୀୟ ଖେଳାଳୀମାନଙ୍କ ସହିତ ଶ୍ରୀଲଙ୍କାର ଖେଳାଳୀମାନେ ମଧ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସେମାନଙ୍କ ଏଠାରେ ଭବ୍ୟ ସ୍ୱାଗତ କରାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ଜାତିବାଦର ବିଷମଞ୍ଜି ପ୍ରତି ସତର୍କ ....

ପ୍ରମାଣ କରୁଛି ଯେ, ବିକାଶ ଭଳି ମୁଖ୍ୟ ପ୍ରସଙ୍ଗକୁ ଏଡାଇ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ କେତେ ଷଡଯନ୍ତ୍ର କରାଗଲା । କିନ୍ତୁ ଜନତା ଏଭଳି ଷଡଯନ୍ତ୍ରକୁ ବିଫଳ କରିଦେଇଛନ୍ତି । ସେ କହିଛନ୍ତି ଯେ, ତାଙ୍କ ସରକାର ଉପରେ ଜନତା ଯେଉଁ ବିଶ୍ୱାସ ପ୍ରକଟ କରିଛନ୍ତି ତାହା ନିଷ୍ଫଳ ହେବ ନାହିଁ । ତାଙ୍କ ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ସନ୍ଦେହରୁ ଉର୍ଦ୍ଧ୍ୱରେ । ଶେଷରେ ମୋଦି କହିଛନ୍ତି ଯେ, ନିର୍ବାଚନ ସମୟର ତିକ୍ତତାକୁ ଭୁଲି ଯାଇ ସମସ୍ତେ 'ସବକା ସାଥ ସବକା ବିକାଶ'ର ଧାରାକୁ ଆଗେଇ ନେବା ପାଇଁ କାମ କରିବା ଉଚିତ । ମୋଦିଙ୍କ ଭାଷଣରୁ ସ୍ପଷ୍ଟ ପ୍ରମାଣିତ ହେଉଥିଲା ଯେ, ବିରୋଧୀଙ୍କ ଛକାପଞ୍ଝା ଯୋଗୁଁ ଏହି ନିର୍ବାଚନ ବିଜେପି ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା । ଏପରିକି ୟୁପି ନିର୍ବାଚନରେ ବିଜେପିକୁ ଯେଉଁ ସଫଳତା ମିଳିଥିଲା ତାହା ଠାରୁ ଗୁଜରାଟ ବିଜୟ ଏହି ଦଳ ପାଇଁ ବଡ ଉପଲବ୍ଧି ଭାବେ ପ୍ରତୀୟମାନ ହୋଇଛି ।

# ବିଜେପୁରର ୨୦୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ବିଜେଡିରେ ମିଶିଲେ

**ଭୁବନେଶ୍ୱର, ୧୮/୧୨(ଶ୍ରୁ.ମି.) :** ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ଆଜି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକର ବିଜେପି ନେତା ଭୀଷ୍ମଦେବ ସରାଫ୍‌ଙ୍କ ନେତୃତ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ସରପଞ୍ଚ ରାଜେଶ ସେଠ୍, ନିର୍ମଳ ପଟେଲ୍, ଦଶରଥ ପଟେଲ୍, ଦିବ୍ୟ କିଶୋର ବାଗ୍, ପର୍ଶୁରାଜ ପ୍ରଧାନ, ସଂଜୀତ ପଟେଲ୍, ଯଶକେତନ ବଗର୍ତ୍ତୀ, ସନ୍ତୋଷ ସାହୁ, ପବିତ୍ର ସାହୁ, ଶଙ୍କର ମଲ୍ଲିକ ପ୍ରମୁଖ ଅନ୍ତର୍ଭୁକ୍ତ । ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦଳରେ ସାମିଲ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ସ୍ୱାଗତ କରିଥିଲେ ।

# ପଟ୍ଟାମୁଣ୍ଡାଇ ପୋଲିସର ଚଢାଉ ; ୧୦ ପେଟି ମଦ ଜବତ, ୧ କୋର୍ଟ ଚାଲାଣ



ପଟ୍ଟାମୁଣ୍ଡାଇ, ୧୮/୧୨(ଶ୍ରୁ.ମି.) : ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ଚୋରା ମଦ କାରବାର ରୋକିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି । ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି । ଗତକାଲି ପଟ୍ଟାମୁଣ୍ଡାଇ ପୋଲିସ ନିଗିନପୁର ଗ୍ରାମରେ ଚଢାଉ କରି ୧୦ ପେଟି ଦେଶୀମଦ ଜବତ କରିଛି । ମଦ ବିକ୍ରି ଅଭିଯୋଗରେ ମହାକାଳପଡା ଥାନା ରାମନଗର ଅଞ୍ଚଳର ପ୍ରଶାନ୍ତ କୁମାର ଦାସଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏ ସଂପର୍କରେ ସ୍ଥାନୀୟ ପୋଲିସ ଥାନା କେସ ନଂ.- ୩୧୫/୧୭ରେ ଏକ ମୋକଦ୍ଦମା ରୁଜୁ କରି ଛାନଭିନ ଚଳାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ସଂପୃକ୍ତ ମଦ ବ୍ୟବସାୟୀ ରାମନଗର ଅଞ୍ଚଳରୁ ମଦ ଆଣି ନିଗିନପୁରରେ ନିୟମିତ ବ୍ୟବସାୟ କରିଆସୁଥିବା ପୋଲିସ ତଦନ୍ତରୁ ଜଣାପଡିଛି ।



ଟି-୨୦ ମ୍ୟାଚ୍ ପାଇଁ କଟକ ବାରବାଟୀ ଷ୍ଟାଡିୟମକୁ ସୁରକ୍ଷା ଯାଞ୍ଚ କରୁଛନ୍ତି

## ନୀତିଶ୍ଳୋକ

**ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦ୍ଦନ ।**
**ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ।।**

**ଅର୍ଜୁନ କହିଲେ- ହେ ଜନାର୍ଦ୍ଦନ ! ଆପଣଙ୍କର ଏହି ସୌମ୍ୟ ମନୁଷ୍ୟରୂପ ଦର୍ଶନ କରି ମୁଁ ଏବେ ସ୍ଥିରଚିତ୍ତ ହେଲି ଏବଂ ନିଜର ସ୍ୱାଭାବିକ ସ୍ଥିତି ପ୍ରାପ୍ତ ହେଲି ।**

# ମୂଲ୍ୟବୋଧ ରାଜନୀତିର ବିଜୟ

ଗଣତନ୍ତ୍ରରେ ନିର୍ବାଚନର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବିଧାନସଭା/ଲୋକସଭା ନିର୍ବାଚନରେ ପୂର୍ବ ଶାସକ ଦଳର କାର୍ଯ୍ୟଧାରା, ବିକାଶ ଓ ଆଦର୍ଶ ଉପରେ ଜନସାଧାରଣଙ୍କ ସ୍ୱୀକୃତି /ଅସ୍ୱୀକୃତିର ସୁଯୋଗ ମିଳିଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ଗୁଜୁରାଟ ନିର୍ବାଚନ ପରିଣାମ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଦୀର୍ଘ ୨୨ ବର୍ଷ ଧରି ଗୁଜୁରାଟର ଶାସନ କରୁଥିବା ବିଜେପି ପାଇଁ ଏହି ନିର୍ବାଚନ ଜିତିବା ସେହି ଦୃଷ୍ଟିରୁ ଅସାଧାରଣ ବୋଲି କୁହାଯାଇ ପାରିବ । ଏହାର କାରଣ, ଏହି ସମୟ ଭିତରେ ସର୍ବାଧିକ ସମୟ ଗୁଜୁରାଟର ନେତୃତ୍ୱ କରିଥିବା ଶ୍ରୀ ନରେନ୍ଦ୍ର ମୋଦି ଏବେ ଦେଶର ପ୍ରଧାନମନ୍ତ୍ରୀ । ଦେଶରେ ‘ସବ୍‌କା ସାଥ୍ ସବ୍‌କା ବିକାଶ’ର ନାରା ଦେଇଥିବା ପ୍ରଧାନମନ୍ତ୍ରୀ ଏବେ ବିଶ୍ୱ ରାଜନୀତିରେ ଜଣେ ଅଗ୍ରଣୀ ନେତୃତ୍ୱ ଭାବେ ସ୍ୱୀକୃତି ଲାଭ କରିଛନ୍ତି । ସେହି ଦୃଷ୍ଟିରୁ ଗୁଜୁରାଟରେ ବିଜେପିର ବିଜୟ କେବଳ ଗୁଜୁରାଟ ପାଇଁ ନୁହେଁ ଅପିତୁ ସମଗ୍ର ରାଷ୍ଟ୍ର ଏବଂ ବିଶ୍ୱ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ବିଜେପି ଗୁଜରାଟର ଶାସନ ଦାୟିତ୍ୱ ୬ଷ୍ଠ ଥର ସମ୍ଭାଳିବାକୁ ହକଦାର ବୋଲି ଲୋକେ ରାୟ ଶୁଣାଇ ସାରିଲେଣି । ମୋଦି ଉତ୍ଫୁଲିତ ହେଲେ ନାହିଁ । ଆଗ ଜରୁରୀ କାମ ଶେଷକରିବାକୁ ଚାହିଁଲେ । **ପ୍ରଥମେ ଗୁଜରାଟ ବାସୀଙ୍କୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ ପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ସହଯୋଗ କାମନା କଲେ** । ଏହି କାର୍ଯ୍ୟ କେବଳ ଗୁଜରାଟର ଜନଗଣଙ୍କ ହିତପାଇଁ ଉଦ୍ଦିଷ୍ଟ ନଥିଲା ; ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ହୃଦୟକୁ ଜନସାଧାରଣ ଆଗରେ ଉନ୍ମୁକ୍ତ କରିଥିଲା । ସେହିପରି ଗୁଜରାଟ ନିର୍ବାଚନ ପ୍ରଚାର ଆରମ୍ଭ କରିବା ପୂର୍ବରୁ ମୋଦି ପ୍ରଥମେ ତାଙ୍କ ମା’ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । ମା’ର ଆଶୀର୍ବାଦ ଆମ ଭାରତୀୟଙ୍କ ପାଇଁ ସବୁଠାରୁ ବେଶୀ ମହତ୍ତ୍ୱ ରଖେ । ସେହିଭଳି ଶତ୍ରୁତା ଆଚରଣ କରିଥିବା ବ୍ୟକ୍ତି ବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସହ ବନ୍ଧୁତା ଓ ସହଯୋଗ ସମ୍ପର୍କ ଦୃଢ଼ରଖିବା ମଧ୍ୟ ବିଜ୍ଞତାର ପରିଚୟ । ତେଣୁ ନରେନ୍ଦ୍ର ମୋଦି ତାଙ୍କ ପ୍ରଚାର ସମୟରେ ପ୍ରତିପକ୍ଷଙ୍କ ଭଳି ବ୍ୟକ୍ତିଗତ ଆକ୍ଷେପରୁ ବର୍ତ୍ତିବାକୁ ଚେଷ୍ଟା କରିଥିଲେ । ଯଦିଓ ପ୍ରତିପକ୍ଷ ତାଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିବା ସହ କୁତ୍ସାରଟନା କରୁଥିଲେ । ଏଥିରୁ ମୋଦି ଜନସାଧାରଣଙ୍କୁ ନିଜ ଆଦର୍ଶ ଚରିତ୍ରର ଏକ ଝଲକ ଦେଖାଇଛନ୍ତି, ଯାହା ତାଙ୍କୁ ଓ ତାଙ୍କ ଦଳକୁ ବାରମ୍ବାର ବିଜୟର ମୁକୁଟ ପିନ୍ଧାଇ ଆସୁଛି ।

ସତ କହିବାକୁ ଗଲେ, ଗୁଜରାଟରେ ବିଜେପିର ଏହି ବିଜୟ ବାସ୍ତବରେ ନରେନ୍ଦ୍ର ମୋଦିଙ୍କର ବ୍ୟକ୍ତିଗତ ବିଜୟ ବୋଲି କୁହାଯାଇପାରେ । ଏଥିରେ ବିଜେପି ସଂଗଠନର ଭୂମିକା ଗୌଣଥିଲା, ମୋଦିଙ୍କ ବ୍ୟକ୍ତିତ୍ୱ ବିଶ୍ୱସନୀୟତା ଏବଂ ଗୁଜରାଟ ପ୍ରତି ଦାୟବଦ୍ଧତା ସବୁଠାରୁ ଅଧିକ ପ୍ରଚ୍ଛନ୍ନ ଥିଲା । ତାଙ୍କ ବିରୋଧରେ ନିର୍ବାଚନୀ ଯୁଦ୍ଧର ସାରଥୀ ଥିଲେ ନିଜେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ।

ମୋଦିଙ୍କ ବିଜୟର ସୂତ୍ର ଥିଲା ବିକାଶର ନାରା ଏବଂ ଗୁଜରାତୀ ଅସ୍ମିତା । ବିଜେପି ଗୁଜରାଟରେ ୨୨ବର୍ଷ ଧରି କ୍ଷମତାରେ ରହିଆସିଛି । ତଥାପି ଏଠାରେ ଶାନ୍ତି, ସ୍ଥିରତା, ଭାଇଚାରା ସହିତ ବିକାଶର ଧାରାକୁ ଅଖଣ୍ଡ ରଖିବାକୁ ପ୍ରୟାସ କରିଛି । ଏହି ନିର୍ବାଚନ ପ୍ରଚାର ସମୟରେ ମୋଦିଙ୍କ ଚତୁରତାର ପରିଚୟ ମିଳିଛି । ପ୍ରଥମ ପାଳିରେ ୨୦୦୨ ମସିହାରେ ମୋଦି ‘ହିନ୍ଦୁତ୍ୱ’ର ପ୍ରଚାର କରିଥିଲେ, କାରଣ ତାହା ତାଙ୍କ ପାଇଁ ସେହି ମୁହୂର୍ତ୍ତର ଆବଶ୍ୟକତା ଥିଲା । ସେ ପ୍ରଥମ ନିର୍ବାଚନରେ ସଫଳ ହେଲେ । ୨୦୦୭ ବିଧାନସଭା ନିର୍ବାଚନରେ ସୋନିଆଗାନ୍ଧୀ ଗୁଜରାଟ ଦଙ୍ଗା ଆଡ଼କୁ ଇସାରା କରି ମୋଦିଙ୍କୁ ‘ମୃତ୍ୟୁର ସୌଦାଗର’ ଆଖ୍ୟା ଦେଇଥିଲେ । ମୋଦି ଗୁଜରାଟ ଜନସାଧାରଣଙ୍କର ସହାନୁଭୂତି ଜିଣିଲେ ଏବଂ ନିର୍ବାଚନରେ ବିଜୟୀ ହେଲେ । ଗତ ଥର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ତାଙ୍କର ସପକ୍ଷରେ ରହିଲା ଗୁଜରାଟ ଭୋଟରଙ୍କ ସହାନୁଭୂତି ଏବଂ ଅଖଣ୍ଡ ବିଶ୍ୱାସ, ଯାହା ତାଙ୍କୁ ନିଜ ଦଳ ଭିତରର ଶତ୍ରୁ ଏବଂ ବାହାର ଶତ୍ରୁଙ୍କୁ ପରାଭୂତ କରିବାରେ ସାହାଯ୍ୟ କରିଥିଲା । ଏଥର ପ୍ରତିପକ୍ଷ ଜାତିଆଣ ଆଧାରରେ ଭୋଟ ମାଗିବା ସହ ମୋଦିଙ୍କ ସରକାରୀ ନୀତି(ଜିଏସଟି ଓ ବିମୁଦ୍ରାୟନ)କୁ ଟାର୍ଗେଟ କରିଥିଲେ । ମୋଦି କିନ୍ତୁ ପୁଣି ଥରେ ବିକାଶକୁ ପ୍ରସଙ୍ଗ କରି ଜନତାଙ୍କ ବିଶ୍ୱସ ଜିତିଛନ୍ତି ।

ଏକାଦିକ୍ରମେ ୬ଷ୍ଠ ଥର ବିଜେପିର ବିଜୟରୁ ଅନେକ ବାର୍ତ୍ତା ମିଳୁଛି । ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ହେଉଛି, ଜଣେ ବ୍ୟକ୍ତି ଏବଂ ତାଙ୍କର ସରକାର ଯଦି ନିଷ୍ଠାର ସହିତ ବିକାଶ ଲାଗି କାମ କରେ, ସାଧାରଣ ଜନତାର କଲ୍ୟାଣରେ ବ୍ରତୀ ରହେ, ଲୋକେ ଯଦି ଅନୁଭବ କରନ୍ତି ଯେ ସେମାନେ ଭଲରେ ଅଛନ୍ତି ଓ ଆଗକୁ ଆହୁରି ଭଲ ହେବ ଏବଂ ନିଜ ରାଜ୍ୟକୁ ନେଇ ଗର୍ବ କରିବାର ଅବସର ଯଦି ସାଧାରଣ ଲୋକଙ୍କୁ ମିଳେ ତେବେ ଶାସକ ଯେତେ ବର୍ଷ ଧରି ଶାସନ କରୁଥାଉ, ଲୋକେ ସେହି ଦଳକୁ ପୁଣି କ୍ଷମତାକୁ ଆଣିବାକୁ ଚାହିଁବେ । ଏଥି ସହିତ ଆଉ ଏକ ପ୍ରସଙ୍ଗ ମଧ୍ୟ ରହିଛି– ତା’ହେଲା ବିକଳ୍ପ । ଯେଉଁଠି ଭଲ ବିକଳ୍ପ ରହିଛି, ଭୋଟର ହୁଏତ ଚାହିଁବ, ଅନ୍ୟଦଳ ଆଉ କ’ଣ ଭଲ କାମ କରିବ ଦେଖିବା । ତେଣୁ ତାକୁ ସୁଯୋଗ ଦେବା । ଏଭଳି ପରିସ୍ଥିତିରେ ଆଣ୍ଟି–ଇନକମ୍‌ବେନସି ବା ସରକାରୀ ବିରୋଧ ଭୋଟ ସୃଷ୍ଟି ହୋଇଥାଏ । ଗୁଜରାଟରେ ଏଭଳି କିଛି ନଥିଲା । ଜରାଟ ନିର୍ବାଚନରେ କଂଗ୍ରେସ ଉଠାଇଥିବା ପ୍ରସଙ୍ଗଗୁଡିକୁ ଜନତା ପ୍ରତ୍ୟାଖ୍ୟାନ କରିଛନ୍ତି । କଂଗ୍ରେସ ବିମୁଦ୍ରାୟନ ଓ ଜିଏସଟିକୁ ମୁଖ୍ୟ ପ୍ରସଙ୍ଗ କରିଥିଲା । ଏହି ଦୁଇଟିର ଅଧିକ ପ୍ରଭାବ ସହରାଞ୍ଚଳରେ ପଡିବା ସ୍ୱାଭାବିକ କିନ୍ତୁ ସହରାଞ୍ଚଳରେ ବିଜେପିର ଭୋଟ ପ୍ରତିଶତ ବୃଦ୍ଧି ପାଇଛି । ତେଣୁ ଏହି ଦୁଇଟି ପ୍ରସଙ୍ଗ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଗୁଜରାଟ ନିର୍ବାଚନରେ ଅନ୍ୟ ଦୁଇଟି ପ୍ରସଙ୍ଗ ଥିଲା ଧର୍ମ ଓ ଜାତିଆଣ ଭିତ୍ତିରେ ଭୋଟ ମାଗିବା । କଂଗ୍ରେସ ଜାତିଆଣା ଭିତ୍ତିରେ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ପାଇଁ ପଟିଦାର ନେତାମାନଙ୍କ ସହ ମେଣ୍ଟ କରିଥିଲା । ଜାତିଆଣ ଭିତ୍ତିରେ ସଂରକ୍ଷଣ ଏକ ଜଟିଳ ପ୍ରସଙ୍ଗ ହୋଇଥିବାରୁ ଏହାକୁ ମଧ୍ୟ ଲୋକମାନେ ଗ୍ରହଣ କରିନାହାଁନ୍ତି । ଯଦି ଏଭଳି ପ୍ରସଙ୍ଗକୁ ଲୋକମାନେ ଗ୍ରହଣ କରିଥାନ୍ତେ ତେବେ ସଂରକ୍ଷଣ ଆଳରେ ଉଗ୍ର ରାଜନୀତି କରୁଥିବା ହାର୍ଦ୍ଦିକ ପଟେଲଙ୍କ ଭଳି ନେତାମାନେ ରାଜନୀତିରେ ପ୍ରଭାବ ବିସ୍ତାର କରିବାର ସୁଯୋଗ ପାଇଥାନ୍ତେ । ତେଣୁ ଜାତିଆଣ ଭିତ୍ତିରେ ସଂରକ୍ଷଣ ପ୍ରସଙ୍ଗ ଏକ ବିଫଳ ପ୍ରୟାସ ଥିଲା । ଯାହା ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେଲା ନାହିଁ । ଅନ୍ୟ ଏକ ସୁପ୍ତ ପ୍ରସଙ୍ଗ ଥିଲା ଧାର୍ମିକ ଧ୍ରୁବିକରଣ । ରାହୁଲ ଗାନ୍ଧୀ ଗୁଜରାଟ ନିର୍ବାଚନ ପରିପ୍ରେକ୍ଷୀରେ ଯେତିକି ପ୍ରଚାର କରିଥିଲେ ତାଠାରୁ ଅଧିକ ମନ୍ଦିର ପରିଦର୍ଶନରେ ଯାଇ ପୂଜାର୍ଚ୍ଚନା କରିଥିଲେ । ଏହାଦ୍ୱାରା ସେ ହିନ୍ଦୁ ଭୋଟ ହାତେଇବା ପାଇଁ ଉଦ୍ୟମ କରିଥିଲେ । ଏପରିକି କଂଗ୍ରେସ ରାହୁଲଙ୍କୁ ଜନେଉଧାରୀ ହିନ୍ଦୁ ବୋଲି ଦର୍ଶାଇଥିଲା । କିନ୍ତୁ ଏହାକୁ ମଧ୍ୟ ଲୋକମାନେ ଗ୍ରହଣ କରିଲେ ନାହିଁ । କହି ସ୍ୱୀକାର ନକଲେ ମଧ୍ୟ ଏହି ନିର୍ବାଚନରେ ସବୁଠାରୁ ବଡ ପ୍ରସଙ୍ଗ ଥିଲା ବେରୋଜଗାରୀ । ବେକାରୀ ସମସ୍ୟା କେବଳ ଗୁଜରାଟ ନୁହେଁ ସମଗ୍ର ଦେଶରେ ଅଛି । ଏହି ସମସ୍ୟା ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଏକ ପ୍ରସଙ୍ଗ ହେବାକୁ ଯାଉଛି । ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଗୁଜରାଟ ନିର୍ବାଚନରେ ମଣିଶଙ୍କର ଆୟରଙ୍କ ଭଳି କଂଗ୍ରେସ ନେତାଙ୍କ ଅପଶବ୍ଦ ପ୍ରୟୋଗ ସହ ପାକିସ୍ତାନର ଏଣ୍ଟ୍ରି କଂଗ୍ରେସ ପାଇଁ ଘାତକ ହେଲା । ପାକିସ୍ତାନ ସହ ହାତ ମିଳାଇ ଥିଲେ ମଧ୍ୟ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଆକ୍ଷେପକୁ ମିଛ ବୋଲି ଦର୍ଶାଇ ଫସିଗଲା । ଆମ ଦେଶର ଲୋକମାନେ ଯାହା ବି ବରଦାସ୍ତ କଲେ ମଧ୍ୟ ପାକିସ୍ତାନକୁ ସହ୍ୟ କରିପାରନ୍ତି ନାହିଁ । ହେଲେ କଂଗ୍ରେସ ଦେଶର ପରମ ଶତ୍ରୁ ପାକିସ୍ତାନୀ ନେତାଙ୍କ ସହ ନୈଶ ଭୋଜି କରିବା ଜଣାପଡିବା ପରେ ଏହାକୁ କଂଗ୍ରେସ ନେତାମାନେ ଅସ୍ୱୀକାର କରି କଥାକୁ ଫାଙ୍କି ଦେବା ପାଇଁ ଚେଷ୍ଟା କରିବାରୁ ତାହା କଂଗ୍ରେସ ପାଇଁ ମହଙ୍ଗା ପଡିଲା ।

କଂଗ୍ରେସ ଦଳିତ–ପଟିଦାର–ଓବିସିଙ୍କ ସହ ମିଶି ମୋଦି ସରକାରଙ୍କୁ ଅପମାନିତ କରିବାପାଇଁ ଅତି ଅତି ନୀଚ ସ୍ତରର ରାଜନୀତି କରିଥିଲା । ଏସବୁ ସତ୍ତ୍ୱେ ଏହି ନିର୍ବାଚନରେ ବିଜେପିର ଭୋଟ ପ୍ରତିଶତ ୪୯ %ରୁ ଅଧିକ ଟପିଯାଇଛି । କିନ୍ତୁ ସିଟ୍ ସଂଖ୍ୟା ଗତଥର ଅପେକ୍ଷା ପ୍ରାୟ ୧୫ଟି କମିଛି । କଂଗ୍ରେସର ଭୋଟ ପ୍ରତିଶତ ପୂର୍ବ ଭଳି ଅପରିବର୍ତ୍ତିତ ଥିବାବେଳେ ଗୁଜରାଟରେ ପୂର୍ବ ଅପେକ୍ଷା ପ୍ରାୟ ୨୦ଟି ଆସନ ଅଧିକ ମିଳିଛି । ତେବେ ଏହାକୁ ନେଇ କଂଗ୍ରେସ ଅଧିକ ଉତ୍ଫୁଲିତ ହେବାର କୌଣସି କାରଣ ନାହିଁ କାରଣ କଂଗ୍ରେସ ହାତରୁ ଆଉ ଗୋଟିଏ ରାଜ୍ୟ ଖସିଯାଇଛି । ହିମାଚଳପ୍ରଦେଶରେ ଯାହା ଆଶା କରାଯାଉଥିଲା ଠିକ୍ ତାହାହିଁ ହୋଇଛି । ଏଠାରେ କଂଗ୍ରେସ ହାତରୁ ବିଜେପି କ୍ଷମତା ଛଡାଇ ନେଇଛି । ତେବେ ଗୁଜରାଟ ନିର୍ବାଚନରେ ବିଜେପିର ୮ ଜଣ ମନ୍ତ୍ରୀ ପରାସ୍ତ ହୋଇଛନ୍ତି । ସେହିପରି କଂଗ୍ରେସର ରାଜ୍ୟସ୍ତରର ନେତାମାନେ ମଧ୍ୟ ପରାସ୍ତ ହୋଇଛନ୍ତି । ସେପଟେ ହିମାଚଳପ୍ରଦେଶରେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପରାସ୍ତ ହୋଇଛନ୍ତି । ତେଣୁ ଉଭୟ ଦଳ ନିର୍ବାଚନ ଫଳକୁ ନେଇ ଆତ୍ମସମୀକ୍ଷା କରିବା ଉଚିତ୍ ।

# ଆଦିବାସୀ ଉନ୍ନୟନ ଯୋଜନା କେତେ ସଫଳ

ଶରତ କୁମାର ରାଉତ

ଓଡ଼ିଶାର ବଣ–ପାହାଡ଼ ଘେରା ଦୁର୍ଗମ ଅଂଚଳରେ ବସବାସ କରୁଥିବା ଆଦିବାସୀ ମଣିଷ ମାନେ ଦାରିଦ୍ର୍ୟର ଅନ୍ଧକାର ଭିତରୁ କେବେ ମୁକ୍ତି ପାଇବେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ଦାବି କରୁଛନ୍ତି । ଏହାକୁ ନେଇ ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ରାଜନୀତି ସରଗରମ ହୋଇଛି । ମାତ୍ର ଏହା ଦ୍ୱାରା ଗରିବ ଆଦିବାସୀ ମଣିଷର କୌଣସି ଲାଭ ହୋଇ ନାହିଁ । ଯୁଗ ଆରମ୍ଭରୁ ଆଦିବାସୀ ମଣିଷ ପ୍ରତି ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଇ ଆସୁଛି । ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ ଦିଗରେ ମଧ୍ୟ ସରକାର ଯତ୍ନବାନ ହେଉ ନାହାନ୍ତି । ସ୍ୱାଧୀନତା ପର ଠାରୁ ଆଦିବାସୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାକୁ କୌଣସି ସରକାର ଆନ୍ତରିକତାର ସହ କାର୍ଯ୍ୟ କରି ନାହାନ୍ତି । ଆଦିବାସୀ ମଣିଷର ଦାରିଦ୍ର୍ୟ ଓ ଅସଚେତନତାର ମୂଳ କାରଣ ଏବଂ ତାର ସ୍ଥାୟୀ ସମାଧାନ ପନ୍ଥା ବାହାର କରାନଯାଇ କେବଳ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ଦ୍ୱାରା ଆଦିବାସୀ ମଣିଷର ବିକାଶ ଅସମ୍ଭବ । ୧୯୯୮ ଅଗଷ୍ଟ ୧୨ ତାରିଖରେ କାର୍ଯ୍ୟକାରୀ ହୋଇଥିବା କେବିକେ ପ୍ରକଳ୍ପ ଏବଂ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ପଂଚାୟତିରାଜ ବ୍ୟବସ୍ଥା, ଜିଲ୍ଲା ଯୋଜନା ବୋର୍ଡ଼, ବିଜୁ କେବିକେ ଯୋଜନା ଆଦି ଦ୍ୱାରା ଆଦିବାସୀ ପ୍ରଜା ଆଦୌ ଉପକୃତ ହୋଇ ପାରିନାହିଁ । ବରଂ ଯୋଜନା ଗୁଡ଼ିକ ଆଦିବାସୀ ବିକାଶ ବଦଳରେ ଅଫିସର ଓ ରାଜନେତାଙ୍କ ବିକାଶ ଯୋଜନାରେ ପରିଣତ ହୋଇଛି ।

ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରହସନ ସାବ୍ୟସ୍ତ ହୋଇଛି । ଜରୁରୀକାଳୀନ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ବିଫଳ ହୋଇଛି । ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଏଠାକାର ନିତି ଦିନିଆ ଘଟଣା । ଗରିବ ଆଦିବାସୀ ମଣିଷ ଅନାହାର, ଅଳ୍ପାହାର ଓ ଅର୍ଦ୍ଧାହାରରେ ଦିନ କାଟୁଛି । ହଇଜା, ଡ଼ାଇରିଆ ଓ ମ୍ୟାଲେରିଆ ଭଳି ମାରାତ୍ମକ ସଂକ୍ରାମକ ରୋଗରେ ପୋକମାଛି ଭଳି ମରୁଛି । ମା ଓ ଶିଶୁ ମୃତ୍ୟୁ ହାର ଏଠାରେ ସର୍ବାଧିକ । ଅନାହାର ଓ ଅପପୃଷ୍ଟି ଏହାର ମୂଳକାରଣ । ଜାତୀୟ ସ୍ତରରେ ଶିଶୁ ମୃତ୍ୟୁହାର ପ୍ରତି ୧ ହଜାରରେ ୪୦ରହିଥିବା ବେଳେ ଓଡ଼ିଶାରେ ୫୧ ଓ କେବିକେରେ ପାଖାପାଖି ୯୦ ରହିଛି । ସଂପ୍ରତି ଦୁର୍ଗମ ଅଂଚଳରେ ହଜାର ହଜାର ଶିଶୁ ପୃଷ୍ଟିହୀନତାର ଶିକାର ହେବା ଅପେକ୍ଷାରେ ବୋଲି ବେସରକାରୀ ଭାବେ କୁହାଯାଉଛି । ସ୍ୱାସ୍ଥ୍ୟସେବା ବିକାଶ ଯୋଜନା କେବଳ ଖାତା ପତ୍ରରେ ସୀମିତ ରହି ଯାଇଛି । କେବିକେରେ ୮ଟି ଜିଲ୍ଲା ହସ୍ପିଟାଲ, ୧୪ଟି ଉପଖଣ୍ଡ ସ୍ତରୀୟ ହସ୍ପିଟାଲ, ୮୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୦୦ ଟି ପିଏଚ୍‌ସି, ୧୬୦୦ରୁ ଉର୍ଦ୍ଧ୍ୱ ଉପସ୍ୱାସ୍ଥ୍ୟ କେନ୍ଦ୍ର, ୨୨୫ଟି ସ୍ୱାସ୍ଥ୍ୟ ସେକ୍ଟର, ୧୫ଟି ଅନ୍ୟାନ୍ୟ ବଡ଼ ହସ୍ପିଟାଲ ତଥା ହୋମିଓପାଥୀ ଓ ଆୟୁର୍ବେଦିକ ଚିକିତ୍ସାଳୟ ତଥା ଶତାଧିକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକାରୀ ସତ୍ତ୍ୱେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କାହିଁକି ? ବାସ୍ତବତା ହେଲା, ରାଜ୍ୟ ସରକାର ଆନ୍ତରିକତାର ସହ ଆଦିବାସୀ ମଣିଷ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉ ନାହାନ୍ତି । ବଡ଼ ବଡ଼ ଲୋକମାନେ ନିଜ ଘରେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ଯାହା ବଳେ, ବାହାରେ ବୁଲୁ ଥିବା ପଶୁପକ୍ଷୀଙ୍କ ପାଖକୁ ଫିଙ୍ଗିଦେବା ଭଳି ଆମ ସ୍ୱାସ୍ଥ୍ୟ ବିଭାଗ ଆଦିବାସୀ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପ୍ରତି ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଏହି ସତ୍ୟକୁ କୌଣସି ପ୍ରକାରେ ମନ୍ତ୍ରୀ, ଅଫିସରଙ୍କ ଭଳି ବଡ଼ ବଡ଼ିଆ ମାନେ ଗ୍ରହଣ କରି ନପାରନ୍ତି । କେତୋଟି ମୁହୂର୍ତ୍ତ ପାଇଁ ସଭା ସମିତିରେ ଯୋଗ ଦେଉଥିବା ବଡ଼ବଡ଼ିଆ ମାନେ କିପରି ଅନୁଭବ କରି ପାରିବେ ଆଦିବାସୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସେମାନଙ୍କ ଅବସ୍ଥାକୁ ? ତେବେ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି ଓ ମନମୁଖୀ କାର୍ଯ୍ୟ ହିଁ ନିରୀହ ଆଦିବାସୀ ମଣିଷକୁ ମାରାତ୍ମକ ସଂକ୍ରାମକ ରୋଗର ଅାଁ ଭିତରକୁ ଠେଲି ଦେଉଥିବା ନିଃସନ୍ଦେହରେ କୁହାଯାଇ ପାରେ ।

ଶିକ୍ଷାର ପ୍ରସାର, ସାକ୍ଷରତା ହାର ବୃଦ୍ଧି ଓ ଜନ ସଚେତନତା ସୃଷ୍ଟି ପାଇଁ ପୌଢଶିକ୍ଷା, ବାଲ୍ୟଶିକ୍ଷା, ପ୍ରାଥମିକ ଶିକ୍ଷା, ନିନାଦ, ସନ୍ଦେଶ, ନବଜ୍ୟୋତି, ସର୍ବଶିକ୍ଷା ଅଭିଯାନ ଆଦିର ବ୍ୟବସ୍ଥା ରହିଛି । ବହୁ ଆଂଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଏନ୍‌ଜିଓମାନେ ଏଠାରେ ଜନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ମାନଙ୍କୁ ସଚେତନ କରିବାର ଦାୟିତ୍ୱରେ ଅଛନ୍ତି । ସଚେତନତା ସୃଷ୍ଟିର କଥା ଯାହା କୁହାଯାଉଛି, କେବିକେରେ ଗତ ୧୭ ବର୍ଷ ଭିତରେ କେତୋଟି ଏନ୍‌ଜିଓ କେତେ ଟଙ୍କାର କାର୍ଯ୍ୟଭାର ନେଇଛନ୍ତି, ସେମାନଙ୍କ ପାଖରୁ ଜନସଚେତନତା ସୃଷ୍ଟିର ପ୍ରମାଣ କିପରି ସରକାର ପାଇଛନ୍ତି, ତାହା ଲୋକଲୋଚନକୁ ଆସିବା ଦରକାର । ଅନ୍ୟ ଏକ ସମ୍ବେଦନଶୀଳ ତଥ୍ୟ ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ବହୁ ଭାଗ ଲାଭ ଅଣ–ଆଦିବାସୀ ମାନେ ମାରି ନେଉଛନ୍ତି । ୧୯୭୦–୭୧ରେ ହଜାର ହଜାର ବଂଗୀୟ ଶରଣାର୍ଥୀଙ୍କୁ ମାଲକାନାଗିରି, ରାଇଘର ଓ ଉମରକୋଟରେ ଥଇଥାନ କରା ଯାଇଥିଲା । ଓଡ଼ିଶା ସରକାର ସ୍ଥାନୀୟ ଆଦିବାସୀଙ୍କ ଚାରଣ ଭୂଇଁ ଓ ଘଂଚ ଜଙ୍ଗଲ ଧ୍ୱଂସ କରି ସେମାନଙ୍କୁ ଥଇଥାନ କରିବା ସହ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ । ମାତ୍ର ଦୁର୍ଭାଗ୍ୟର କଥା ଯେ, ମାଛକୁଣ୍ଡ, ଚିତ୍ରକୋଣ୍ଡା, ପଂଚବଟୀ, କୋଲାବ ଓ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ପ୍ରତିଷ୍ଠା ବେଳେ ବାସଚ୍ୟୁତ ସ୍ଥାନୀୟ ଆଦିବାସୀ ବାସିନ୍ଦାଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇ ନାହିଁ । ସେମାନେ ଏବେ ମଧ୍ୟ ଜୀବନ–ଜୀବିକା ସହ ସଂଘର୍ଷ ଜାରି ରଖିଛନ୍ତି । ସମସ୍ତଙ୍କର ସବୁ ସ୍ତରର ଅତ୍ୟାଚାର ସହି ଚାଲିଛି ଆଦିବାସୀ ମଣିଷ । ଏହା ହିଁ ଆଦିବାସୀ ମଣିଷର ଭାଗ୍ୟ ଓ ଭବିଷ୍ୟତ । ଏଥିରୁ କେବେ ସେ ମୁକ୍ତି ପାଇବ, ସେ କଥା ଇଶ୍ୱରଙ୍କୁ ଜଣା । ତେବେ ଯୋଜନା କାହା ପାଇଁ ? କେଉଁଠି କି ଯୋଜନା କାର୍ଯ୍ୟକାରୀ ହେଉଛି ? ସରକାରଙ୍କ ପ୍ରତିନିଧି ମାନେ ଦିଲ୍ଲି କିମ୍ବା ଭୁବନେଶ୍ୱରରେ ବସି ଆଦିବାସୀଙ୍କ ବିକାଶ ପାଇଁ କେବଳ ଯୋଜନା ତିଆରି କରିଦେଲେ, କିଛି ସୁଫଳ ମିଳିବ ନାହିଁ । ଅନୁସଂଧାନ କରାଗଲେ ଜଣାପଡ଼ିବ ଯେ, ବିଭିନ୍ନ ଆଦିବାସୀ ବିକାଶ ଯୋଜନା ଅର୍ଥ ଅଧିକାରୀ, ନେତା ଓ ସ୍ୱେଚ୍ଛାସେବୀ ସଂସ୍ଥା ମାନଙ୍କ ମଧ୍ୟରେ ଭାଗବଂଟା ହେଉଛି ।

ଆଦିବାସୀଙ୍କ ମୌଳିକ ସମସ୍ୟାର ସମାଧାନ ବିଭାଗୀୟ ମନ୍ତ୍ରୀଙ୍କ ଦକ୍ଷତା ଓ କର୍ତ୍ତବ୍ୟ ନିଷ୍ଠା ଉପରେ ନିର୍ଭର କରୁଛି । କିଛି ବର୍ଷ ତଳୁ ଏହି ପଦରେ ଅପାରଗ ନେତାମାନଙ୍କୁ ଦେଖିବାକୁ ମିଳୁଛି । ଯେଉଁଥିପାଇଁ ଆଦିବାସୀ ବିକାଶ କାର୍ଯ୍ୟ ଆଶାନୁରୂପ ହୋଇ ପାରୁନାହିଁ । ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି । ତଥାପି କାହିଁକି ସମାଧାନ ହୋଇ ପାରୁନି ଆଦିବାସୀଙ୍କ ମୌଳିକ ସମସ୍ୟା ? ବିଭାଗୀୟ ମନ୍ତ୍ରୀ ଦକ୍ଷ, ପାରଙ୍ଗମ ଓ ଦୂରଦୃଷ୍ଟି ସଂପନ୍ନ ହେଲେ, ଆଦିବାସୀଙ୍କ ବିକାଶ ହେବା ନିଶ୍ଚିତ । ମାତ୍ର ଶୁଣାଯାଏ, ଆମ ରାଜ୍ୟରେ କିଛି ବର୍ଷ ତଳୁ ସବୁ କ୍ଷମତା କୁଆଡ଼େ ଶାସନ ସଚିବ ମାନଙ୍କ ହାତରେ କେନ୍ଦ୍ରୀଭୂତ, ମନ୍ତ୍ରୀ ରବର ଷ୍ଟାମ୍ପ ଭଳି ! ନିଜ ବିଭାଗର ବିକାଶ ବା ସଂସ୍କାର ପାଇଁ ମନ୍ତ୍ରୀ ନିଜ ଆଡୁ କୌଣସି ନିଷ୍ପତି ନେଇ ପାରନ୍ତି ନାହିଁ ବୋଲି ମଧ୍ୟ ଚର୍ଚ୍ଚା ହୋଇ ଆସୁଛି । ଏହା ଯଦି ସତ୍ୟ, ତେବେ ଆମ ସମ୍ବିଧାନରେ କାହିଁକି ରହିଛି ଲୋକପ୍ରତିନିଧି ବ୍ୟବସ୍ଥା ? ମନ୍ତ୍ରୀ ମାନଙ୍କୁ ଯଦି ନିଜ ବିଭାଗର ଉନ୍ନତି ପାଇଁ ନିଷ୍ପତି ନେବାର ସ୍ୱାଧୀନତା ଦିଆ ନଯାଏ, ତେବେ ରାଜ୍ୟବାସୀଙ୍କର ଉନ୍ନତି ହେବ କିପରି ? ରାଜ୍ୟ ସରକାରଙ୍କର ଅନ୍ୟତମ ସମ୍ବେଦନଶୀଳ ବିଭାଗ ହେଉଛି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ । ଏହି ବିଭାଗ ସହିତ ଅବହେଳିତ ଆଦିବାସୀ ମଣିଷର ଭାଗ୍ୟ ଓ ଭବିଷ୍ୟତ ଯୋଡ଼ି ହୋଇ ରହିଛି । ମାତ୍ର ଆଦିବାସୀ ମଣିଷ ଓ ବିଭାଗ ଆଜି ପର୍ଯ୍ୟନ୍ତ ଯୋଡ଼ି ହୋଇ ପାରି ନାହାନ୍ତି । ବିଭାଗୀୟ ମନ୍ତ୍ରୀ ବା ଲୋକପ୍ରତିନିଧିଙ୍କ ମାଧ୍ୟମରେ ଏହି ସଂଯୋଗ ଘଟିଥାଏ । ହେଲେ ମନ୍ତ୍ରୀ ବା ଲୋକପ୍ରତିନିଧିଙ୍କ ହାତରେ ଏଭଳି ଗୁରୁ ଦାୟିତ୍ୱ ଥିବା ପରି ମନେ ହେଉନାହିଁ । ହୁଏତ ଏଥିଯୋଗୁ ବିଭାଗୀୟ ସଚିବାଳୟ, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଓ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିଜ ଢଙ୍ଗରେ ଚାଲୁଛି । ଏହି ବିଭାଗ ସକ୍ରିୟ ହୋଇ ଆଦିବାସୀଙ୍କ ମୌଳିକ ସମସ୍ୟା ସମାଧାନ କରିବ, ଏଭଳି ଆଶା କରାଯିବା ନିରର୍ଥକ ।

*ଓଡ଼ିଶା ନ୍ୟୁଜ୍ ସର୍ଭିସ୍,*
*ଭୁବନେଶ୍ୱର, ମୋ–୯୩୩୭୩୬୯୪୪୮*

# ଜନପ୍ରତିନିଧିଙ୍କ ବିରୁଦ୍ଧରେ ଅପରାଧୀକ ମାମଲା



ଡାକ୍ତର ନୀଳମାଧବ ପୃଷ୍ଟି

ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ନେତା ବିରୁଦ୍ଧରେ ଥିବା ଅପରାଧୀକ ମାମଲା ଗୁଡ଼ିକର ତୁରନ୍ତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ କରିବାକୁ ଦେଇଥିବା ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ରାଜି ହୋଇଛନ୍ତି । ଏଠାରେ ସୂଚାଇଥାଇପାରେ କି ଅଶ୍ୱିନୀ କୁମାର ଉପାଧ୍ୟାୟ ନାମକ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ତଥ୍ୟ ଅନୁଯାୟୀ ଏମ୍‌ପି ଓ ଏମଏଲଙ୍କ ବିରୁଦ୍ଧରେ ୧୫୮୧ଟି ମାମଲା ଚାଲିଛି । କେନ୍ଦ୍ର ସରକାର ତାଙ୍କ ସତ୍ୟପାଠରେ ଜଣାଇଛନ୍ତି କି ଏହି ମାମଲାର ତୁରନ୍ତ ବିଚାର ପାଇଁ ୧୨ଟି କୋର୍ଟ ସ୍ଥାପନ କରିବା ସହ ୭.୮୦କୋଟି ଟଙ୍କା ଏ ନେଇ ଖର୍ଚ୍ଚ କରିବେ । ଓଡ଼ିଶାର ୧୪୭ଜଣ ବିଧାୟକଙ୍କ ମଧ୍ୟରୁ ୫୨ଜଣ ବିଧାୟକ ଓ ୫ଜଣ ସାଂସଦଙ୍କ ନାମରେ ଅପରାଧିକ ମାମଲା ରହିଛି । ଯେଉଁଥିରୁ ବିଜେଡ଼ିରୁ ୩୨ଜଣ ବିଧାୟକ, କଂଗ୍ରେସରୁ ୯, ଭାଜପାରୁ ୮, ସମତାକ୍ରାନ୍ତି ଦଳରୁ ୧ ଓ ଦୁଇଜଣ ସ୍ୱାଧୀନ ବିଧାୟକଙ୍କ ନାମ ରହିଛି । ସେହିଭଳି ସାଂସଦ ମାନଙ୍କ ମଧ୍ୟରୁ ୩ଜଣ ବିଜେଡ଼ିର, ୧ଜଣ ଭାଜପା ଓ ୧ ଜଣ କଂଗ୍ରେସର ରହିଛନ୍ତି । ୨୦୧୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରଦତ୍ତ ସତ୍ୟପାଠରୁ ସଂଗୃହୀତ ତଥ୍ୟକୁ ଆସୋଏସିଏସନ ଫର ଡେମୋକ୍ରାଟିକ ରିଫର୍ମସ୍ ଦ୍ୱାରା ପ୍ରସ୍ତୁତ ତଥ୍ୟକୁ ଉଲ୍ଲେଖ କରି ଓଡ଼ିଶା ଇଲେକ୍‌ସନ ୱାଚ ପକ୍ଷରୁ ଏହି ତାଲିକା ପ୍ରକାଶ ପାଇଛି । ଅଭିଯୋଗ ହୁଏ ଯେ ନିଜ ବ୍ୟକ୍ତିତ୍ୱ, ଭାବମୂର୍ତ୍ତି, ପ୍ରତିପତ୍ତି, ଦଳୀୟ ଛବି ତଥା ଉଚ୍ଚପ୍ରଭାବକୁ ନେଇ ଏହି ଅପରାଧର ଦାଗ ଲାଗିଥିବା ରାଜନେତାମାନେ ଅଦାଲତରେ ମାମଲା ଚାଲିଥିବାବେଳେ ଯେତେ ଦୂର ସମ୍ଭବ ଯେନତେନ ବାଟରେ ଏହାକୁ ବିଳମ୍ବ କରାନ୍ତି ଯାହାଦ୍ୱାର ଏହି ମାମଲା ଗୁଡ଼ିକ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପାଇଁ ବହୁତ ଦିନ ବିତିଯାଏ । ଏଠାରେ ଭାତ ହାଣ୍ଡିରୁ ଗୋଟଏ ପରି ଦେଖାଯାଉ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଓ ରାବିଡ଼ି ଦେବୀଙ୍କ ମାମଲା ଏଯାବତ୍ ଚାଲୁ ରହିଛି ସେହିପରି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ନାମରେ ଏକାଧିକ ମାମଲା ରହିଥିବାବେଳେ ତାଙ୍କର ସ୍ୱର୍ଗବାସ ହୋଇଯିବାରୁ ମାମଲାର ଡୋରୀ ଲାଗିଗଲା । ତେବେ ଅନେକ ରାଜନେତା ଦୁର୍ନୀତି, ଆର୍ଥିକ ପ୍ରିୟାପ୍ରୀତି ଓ କ୍ଷମତାର ଦୂରୁପଯୋଗ କରି ଆଇନକୁ ଭାଙ୍ଗିଥିବାରୁ ସେମାନଙ୍କ ବିଷୟରେ ଅଦାଲତରେ ସମସ୍ତ ଦସ୍ତାବିଜ୍, ସାକ୍ଷୀ ମହଜୁଦ ଥିଲେ ବି ଅନେକ କ୍ଷେତ୍ରରେ ସେମାନଙ୍କ ମାମଲା କିନ୍ତୁ ବିଳମ୍ବ ହୋଇଥାଏ । ଉପା ସରକାର ସମୟରେ ବଡ଼ ବଡ଼ ଦୁର୍ନୀତି କୁହାଯାଉଥିବା ଟେଲିକମ୍ ଓ ଖଣି ମାମଲାରେ ତତ୍କାଳୀନ ପ୍ରଭାବଶାଳୀ କେନ୍ଦ୍ର ମନ୍ତ୍ରୀମାନେ ସଂଶ୍ଳିଷ୍ଟ ଥିଲେ ବି ଏଯାବତ୍ ସେମାନଙ୍କର ମାମଲା ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚ ପାରିନାହିଁ ।

ଯଥେଷ୍ଟ ବିଳମ୍ବ ହେଲେ ମଧ୍ୟ ଅପରାଧୀକ ମାମଲାରେ ଜଡ଼ିତ ଥିବା ଏହି ଦାଗୀ ନେତାମାନେ ଅପରାଧ କରି ମଧ୍ୟ ସମାଜରେ ନିଜ ଉଚ୍ଚାସନକୁ ବଜାୟ ରଖିଛନ୍ତି । କିଛି ଦିନ ତଳେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ଅପରାଧୀକ ମାମଲାରେ ଜଡ଼ିତ ଥିବା ନେତାମାନଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଚାରପତି ସେମାନଙ୍କ ସହ ବସିବା ପାଇଁ ମନା କରିଦେଇଥିଲେ । ତେବେ ଦାଗୀ ନେତାମାନଙ୍କର ମାମଲା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଅପରାଧ ସହିତ ସଂଶ୍ଳିଷ୍ଟ ରାଜନେତାଙ୍କ ବିରୋଧରେ ସ୍ୱତନ୍ତ୍ର ଅଦାଲତ ସ୍ଥାପନ କରିବା ପାଇଁ ୨୦୧୫ରୁ ପରାମର୍ଶ ଦେଇଥିଲେ ମଧ୍ୟ ଅନେକ ବିଳମ୍ବ ଯଦିଓ ଘଟିଛି ତେବେ ସମଗ୍ର ଭାରତରେ ସ୍ଥାପନ ହେବା ପାଇଁ ଯାଉଥିବା ଏହି ୧୨ଟି ଅଦାଲତ ମାଧ୍ୟମରେ ଅପରାଧୀକ ମାମଲାରେ ଜଡ଼ିତ ଥିବା ରାଜନେତାଙ୍କ ବିଚାର ଆରମ୍ଭ କରାଯିବ । ଅଦାଲତରେ ଏହି ତଥାକଥିତ ରାଜନେତା ମାନଙ୍କର ବିଚାର ବିଭିନ୍ନ କାରଣରୁ ବିଳମ୍ବିତ ହେଉଥିବାବେଳେ ସେମାନଙ୍କର ସାମାଜିକ ସମ୍ମାନ ଓ କ୍ଷମତା ଯେପରି ରହୁଛି ତାହା ଆଉ ଦୀର୍ଘଦିନ ଧରି ରହିବନାହିଁ । ଜନପ୍ରତିନିଧି ଆଇନ ଅନୁସାରେ କାମ ନକରି ଆଇନ ଉଲ୍ଲଂଘନ କରୁଥିବା ଯୋଗୁଁ ଦୋଷୀ ସାବ୍ୟସ୍ତ ହୋଇଥିବା ରାଜନେତାମାନେ ଯଦି ୬ବର୍ଷ ଜେଲ ଯାଇଥିବେ ତେବେ ସେମାନଙ୍କୁ ୬ବର୍ଷ ପରେ ଆଉଥରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ରହିଛି କିନ୍ତୁ ଏହି ଆଇନକୁ ମଧ୍ୟ ସଂଷୋଧନ କରାଯାଉ ଓ ଗୁରୁତର ମାମଲାରେ ଦଣ୍ଡିତ ହୋଇଥିବା ରାଜନେତା ମାନଙ୍କୁ ଆଉ ଥରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ନଦିଆଯାଉ । ଏହି ନୂଆ ଆଇନ ଦ୍ୱାରା ଆଇନ ପ୍ରତି ସମସ୍ତଙ୍କର ସମ୍ମାନବୋଧ ବିଶ୍ୱାସ ବୃଦ୍ଧି ପାଇବା ସହ ଅପରାଧୀକ ମାମଲାରେ ଜଣେ ଲୋକପ୍ରତିନିଧି ହୁଅନ୍ତୁ ବା ଯେ କେହି ଆଇନକୁ ହାତକୁ ନେବା ପୂର୍ବରୁ ଥରେ ଭଲ ଭାବେ ଚିନ୍ତା କରିବ ।

*ଭୀମସାର, ବୁର୍ଲା, ସମ୍ବଲପୁର, ଦୂରଭାଷ : ୯୪୩୯୪୮୨୫୨୬*

# ଶ୍ରୀମଦ୍ ଭାଗବତ୍ : ସାର୍ବଜନୀନ ମାନବଧର୍ମ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶ୍ରୀମଦ୍ ଭାଗବତ ସଂସ୍କୃତ ସାହିତ୍ୟର ଏକ ଅମୂଲ୍ୟରତ୍ନ ଓ ଧର୍ମଶାସ୍ତ୍ର ସମୂହର ଏକାଧାରା ରେ ଏକ ଧର୍ମଗ୍ରନ୍ଥ, ଦର୍ଶନଗ୍ରନ୍ଥ ଓ ଏକ ଅପୂର୍ବ ରସମୟ କାବ୍ୟଗ୍ରନ୍ଥ । ଏହାର ପଦଲାଳିତ୍ୟ ଓ ରସମାଧୁର୍ଯ୍ୟ ପିପାସୁ ପାଠକଙ୍କ ପ୍ରାଣକୁ ଏକ ଅପୂର୍ବ ଭକ୍ତିରସରେ ଆପ୍ଳୁତ କରେ । ଏହା ନିଗମ କଳ୍ପତରୁର ସ୍ୱୟଂ ଚାଳିତ ଫଳ ସ୍ୱରୂପ । ଶୁକଦେବଙ୍କ ମୁଖନିଃସୃତ ମଧୁର ବାଣୀ ଦ୍ୱାରା ଅମୃତମୟ ରସଯୁକ୍ତ ହୋଇଅଛି । ଏହି ମହାନ୍ ଗ୍ରନ୍ଥଟି ଶୁକ-ପରିକ୍ଷିତ ସମ୍ବାଦ ଛଳରେ ଅତ୍ୟନ୍ତ ଭାବଗର୍ଭକ ଭାବେ ରଚିତ ହୋଇଛି । ଏକ ପକ୍ଷରେ ଏହା ଯେପରି କବିତ୍ୱପୂର୍ଣ୍ଣ ଓ ରସଯୁକ୍ତ ଅନ୍ୟ ପକ୍ଷରେ ସେହିପରି ନିଗୂଢ଼ ଆଧାତ୍ମିକ ଓ ଦାର୍ଶନିକ ତଥ୍ୟରେ ପରିପୂର୍ଣ୍ଣ ।

ଯୁଗ ଯୁଗ ଧରି ଭାରତର ଜନମାନସକୁ ପ୍ରଭାବିତ କରିଥିବା ଶ୍ରୀମଦ୍ ଭାଗବତ ଏକ ଜନପ୍ରିୟ ଗ୍ରନ୍ଥ । ଭାରତର ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ଏହାର ଅନୁବାଦ କରାଯାଇଥିବା ବେଳେ ରୁଷ, ଜାପାନ, ଡଚ ଆଦି ପ୍ରଧାନ ବୈଦେଶିକ ଭାଷାରେ ଏହା ଅନୁଦିତ ହୋଇ ବିଦେଶରେ ମଧ୍ୟ ଏହା ଖୁବ୍ ଲୋକପ୍ରିୟ ହୋଇଛି । ପଦ୍ମ ପୁରାଣରେ ଉଲ୍ଲେଖ ଅଛି ଯେ ଶ୍ରୀମଦ୍ ଭାଗବତ ଭଗବାନଙ୍କ ବିଗ୍ରହ ସଦୃଶ ପୂଜନୀୟ । ବ୍ୟାସରଚିତ ଅଷ୍ଟାଦଶ ପୁରାଣ ମଧ୍ୟରେ ଏହାର ସ୍ଥାନ ପଞ୍ଚମ । ମତ୍ସ୍ୟ ପୁରାଣରେ ଭାଗବତର ବିଷୟବସ୍ତୁ ସମ୍ବନ୍ଧରେ ଉଲ୍ଲେଖ ଅଛି । ଭାଗବତ ୧୨ଟି ସ୍କନ୍ଧରେ ବିଭକ୍ତ । ଏଥିରେ ସମୁଦାୟ ୩୩୨ଟି ଅଧ୍ୟାୟ ଓ ୧୮୦୦୦ ଶ୍ଳୋକ ଅଛି ।

ଭଗବତର ନାମକରଣରୁ ସୂଚିତ ହୁଏ ଯେ ଭଗବାନ ବିଷ୍ଣୁଙ୍କର ଲୀଳା ବର୍ଣ୍ଣନା ଭାଗବତର ମୂଳ ଉଦ୍ଦେଶ୍ୟ । ଏଥିରେ ମତ୍ସ୍ୟ, କଚ୍ଛପ, ବରାହ, ବାମନ, ନୃସିଂହ, ରାମ, ପର୍ଶୁରାମ, ଶ୍ରୀକୃଷ୍ଣ, ବୁଦ୍ଧ, କଳକି ଆଦି ବିବିଧ ଅବତାରମାନଙ୍କ ଲୀଳା ବର୍ଣ୍ଣିତ ହୋଇଛି । ଏହାଛଡ଼ା ବଳି, ପ୍ରହଲ୍ଲାଦ, ପୃଥୁ, ଅମ୍ବରୀଶ ଓ ଯଦୁରାଜା ଆଦି ବିଷ୍ଣୁଭକ୍ତ ଏବଂ ଋଷଭ, କପିଳ, ମୈତ୍ରେୟ, ନରନାରାୟଣ, ଦତ୍ତାତ୍ରେୟ ଆଦି ସିଦ୍ଧପୁରୁଷମାନଙ୍କ ଉପାଖ୍ୟାନ ବର୍ଣ୍ଣିତ ହୋଇଛି । ଭାଗବତର ଦ୍ୱାଦଶ ସ୍କନ୍ଧ ମଧ୍ୟରେ ଦଶମ ସ୍କନ୍ଧକୁ ସାର ଓ ଶ୍ରେଷ୍ଠ ବୋଲି କୁହାଯାଏ । କାରଣ ଏଥିରେ ପୂର୍ଣ୍ଣାବତାର ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣିତ ହୋଇଛି । ଭାଗବତ କେବଳ ଏକ କାବ୍ୟଗ୍ରନ୍ଥ ନୁହେଁ – ଏହା ଦର୍ଶନ ଗ୍ରନ୍ଥ । ସାଂଖ୍ୟ, ଯୋଗ, ନ୍ୟାୟ, ବୈଶେଷିକ ଆଦି ସକଳ ଦର୍ଶନର ସାରସତ୍ତ୍ୱ ଏଥିରେ ଆଲୋଚିତ ହୋଇଥିଲେ ମଧ୍ୟ ଅଦ୍ୱୈତବାଦ ଏହାର ଭିତ୍ତିଭୂମି । ମହର୍ଷି ବେଦବ୍ୟାସ ବ୍ରହ୍ମସୂତ୍ର ରଚନା କରିସାରି ଭାଗବତ ରଚନା କରିଥିଲେ । ତେଣୁ ଏହା ବ୍ରହ୍ମସୂତ୍ରର ବିସ୍ତାରିତ ରୂପ ଯାହାକି ଭାଗବତର ମଙ୍ଗଳାଚରଣରେ ସ୍ପଷ୍ଟ ଭାବେ ଲିପିବଦ୍ଧ । ଅଦ୍ୱୈତବାଦ ଅନୁଯାୟୀ ଏକ ଅଦ୍ୱୟ ବ୍ରହ୍ମ ହିଁ ବିଶ୍ୱସୃଷ୍ଟିର ଚରମ ସତ୍ୟ, ଏହି ଚରମ ସତ୍ୟକୁ ଜ୍ଞାନୀମାନେ ପରମାତ୍ମା ଏବଂ ଭକ୍ତମାନେ ଭଗବାନ ବୋଲି କହିଥାନ୍ତି ।

ଯଥାର୍ଥରେ ଭାଗବତ ଏକ ସାର୍ବଜନୀନ ମାନବଧର୍ମ । ଭାଗବତ ଦୃଷ୍ଟିରେ ନର ହିଁ ନାରାୟଣ ଏବଂ ନାରାୟଣଙ୍କ ସେବା ହିଁ ପ୍ରକୃତ ଭଗବତ ଉପାସନା । ଭଗବାନ କହିଛନ୍ତି ମୁଁ ଅନ୍ତର୍ଯ୍ୟାମୀ ରୂପରେ ସମସ୍ତଙ୍କ ଠାରେ ବିଦ୍ୟମାନ । ତେଣୁ ସମସ୍ତଙ୍କଠାରେ ତୁମେ ଏବଂ ନିଜଠାରେ ମୋତେ ଦେଖ । ମୁଁ ସର୍ବଭୂତରେ ବିଦ୍ୟମାନ ଜାଣି ସର୍ବଭୂତରେ ସେବା କର । ତାହା ହିଁ ହେବ ମୋର ପ୍ରକୃତ ଉପାସନା । ଭାଗବତ ଏକ ପୁରାତନ ଗ୍ରନ୍ଥ ହେଲେ ହେଁ ଏହାର ବାଣୀ ନିତନୂତନ । ଆଜିର ସଂଘର୍ଷମୟ ଓ ସ୍ୱାର୍ଥାନ୍ଧ ଜଗତକୁ ଭାଗବତର ଉଦାର ‘ମାନବବାଦ’ ବାଟ ଦେଖାଇପାରିବି । ଆଜିର ସମାଜ ବିପର୍ଯ୍ୟସ୍ତ ଓ ବିପଥଗାମୀ । ଆଜିର ଯୁବସମାଜ ପଥହରା ଓ ଲକ୍ଷ୍ୟହୀନ । ଭାଗବତର ସନାତନ ଆଦର୍ଶ ଯେ ତାର ପିଚ୍ଛିଳ ଓ ଅନ୍ଧତମସାଚ୍ଛନ ଜୀବନପଥକୁ ଆଲୋକିତ କରିବ ଏଥିରେ ସନ୍ଦେହ ନାହିଁ ।

*ସହ–ପ୍ରତିରତ୍ୱିକ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

MARKETS TODAY | ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 33601.68 +138.71 (+0.41%) |
| NIFTY | 10388.75 +55.5 (+0.54%) |

ସୁନା 24K (MCX) (Rs/10g.) 28,384

ଟଙ୍କାର ବିନିମୟ ମୂଲ୍ୟ

1 Dollar = Rs. 64.23

# ଜାତିବାଦ, ବଂଶବାଦ ଓ ନୀଚ ରାଜନୀତିର ପରାଜୟ ବିକାଶବାଦର ବିଜୟ: ଅମିତ ଶାହା



ଅହମ୍ମଦାବାଦ, ୧୮/୧୨(ଏଜେନ୍ସି) ଲଗାତର ଗୁଜରାଟରେ ୬ଷ୍ଠ ଥର ଲାଗି ବିରୋଧୀଙ୍କୁ ଧୂଳିଚଟାଇ କ୍ଷମତାରେ ରହିବା ବିଜେପି ଲାଗି ଜାତୀୟସ୍ତରର ଏକ ବୃହତ୍ ରାଜନୈତିକ କ୍ଷେତ୍ର ତିଆରି କରାଇଛି। ବିଜୟ ଭାଷଣରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ କେବଳ ଗୁଜରାଟ ଲୋକଙ୍କ ପାଇଁ ନୁହେଁ, ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଭାରତବାସୀଙ୍କ ଲାଗି ଉଦ୍ଦିଷ୍ଟ ଥିବା ସ୍ପଷ୍ଟ ହୋଇଛି। କେଉଁ ମୂଳ ପ୍ରସଙ୍ଗକୁ ରାଜନେତା ତଥା ରାଜନୈତିକ ଦଳ ଗୁରୁତ୍ୱ ଦେବା ଦରକାର ତାହା ଦେଶବାସୀଙ୍କୁ ଏବେ ବୁଝିବାକୁ ପଡିବ। ପ୍ରକୃତ ସମସ୍ୟା କ'ଣ ଓ କିଭଳି ତାର ମୁକାବିଲା କରାଯାଇପାରିବ ଏଥିପାଇଁ ଦେଶବାସୀ ବିଚାର କରିବାର ଆବଶ୍ୟକତା ରହିଛି। ୫ମଥର ଲାଗି ରାଜ୍ୟବାସୀ ବିଜେପି ପ୍ରତି ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଯଦି ଆଜିର ବିଜୟ ଲାଗି କାହାକୁ ନାୟକ କୁହାଯାଏ, ତେବେ ସେମାନେ ହେଉଛନ୍ତି ସମସ୍ତ ସାଢ଼େ ୬ କୋଟି ଗୁଜରାଟୀ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ୧୯୮୦ ଦଶକର ଜାତିଗତ ରାଜନୀତିକୁ ଭୋଟର ଫିଙ୍ଗି ଦେଇଛନ୍ତି। ଗୁଜରାଟୀ ଭୋଟର କେତେ ପରିପକ୍ୱ ତାହା ଏହି ନିର୍ବାଚନରୁ ପ୍ରମାଣିତ ହୋଇଛି। ଜାତି ଓ ସଂପ୍ରଦାୟରୁ ଉପରକୁ ଉଠି ବିକାଶ ଓ ସୁଶାସନକୁ ଗୁରୁତ୍ୱ ଦେଇଛନ୍ତି ଭୋଟର। ଭୋଟର ତା'ର ଭୋଟଦାନ କରିବାବେଳେ ଭବିଷ୍ୟତକୁ ଦୃଷ୍ଟିରେ ରଖି ମତସାବ୍ୟସ୍ତ କରିଛି। କ'ଣ ଭୁଲ୍ ଓ କ'ଣ ଠିକ୍ ଜନତା ଜାଣନ୍ତି। ଏହି ବିଜୟ ଗୁଜରାଟ ଲାଗି ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଅତୀତରୁ ରାଜ୍ୟ ଆହୁରି ଉପରକୁ ଉଠିବ ବୋଲି ଶ୍ରୀ ଶାହା ଦୃଢତା ପ୍ରକାଶ କରିଛନ୍ତି।

ଆଜିର ନିର୍ବାଚନ ଫଳ ପ୍ରକାଶ ପରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଏକ ସାମ୍ବାଦିକ ସମ୍ମିଳନୀ ଡକାଇ କହିଛନ୍ତି ଯେ, ଉଭୟ ଗୁଜରାଟ ଓ ହିମାଚଳପ୍ରଦେଶର ଜନତା ସାଧୁବାଦ୍‌ର ପାତ୍ର । ସେ ଉଭୟ ରାଜ୍ୟର ଜନତାଙ୍କୁ ସାଧୁବାଦ୍ ଦେବା ସହ କହିଛନ୍ତି ଯେ, ଧର୍ମ ଓ ଜାତିବାଦ ବିପକ୍ଷରେ ଏହି ବିଜୟ ହେଉଛି ବିକାଶବାଦର ବିଜୟ । ଦେଶବାସୀ ଜାତିବାଦ, ବଂଶବାଦ ଓ ସଂରକ୍ଷଣବାଦକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହାକୁ ସେ ରାଜନୈତିକ ପାରଦର୍ଶିତାର ଆଖ୍ୟା ଦେଇଛନ୍ତି । ସେ କହିଛନ୍ତି ଯେ, ଯେଉଁ ନେତୃତ୍ୱ ଜନତାଙ୍କ ଆଶା ଓ ଆକାଂକ୍ଷାକୁ ପୂରା କରିପାରିବ ତାହାରି ଉପରେ ଜନତା ବିଶ୍ୱାସ ପ୍ରକଟ କରନ୍ତି । ଏହି ପରିପ୍ରେକ୍ଷୀରେ ସେ ଦଳ ପାଇଁ କାର୍ଯ୍ୟ କରିଥିବା ଦଳର ସମସ୍ତ କର୍ମୀ ଓ ନେତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ୨୦୧୪ ସାଧାରଣ ନିର୍ବାଚନ ପରଠାରୁ ବିଜେପି ଧାରାବାହିକ ଭାବେ ଗୋଟିକ ପରେ ଗୋଟିଏ ସବୁ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଆସୁଛି । ଏଥିରୁ ପ୍ରମାଣିତ ହୋଇଛି ଯେ, ତୁଷ୍ଟୀକରଣ ରାଜନୀତି ଓ ଜାତିବାଦ ଭଳି ସଂକୀର୍ଣ୍ଣ ମାନସିକତାକୁ ପ୍ରତ୍ୟାଖ୍ୟାନ କରି ଜନତା ବିଜେପିର ସାଥ ଦେଇଛନ୍ତି । ଜାତିବାଦ ଓ ତୁଷ୍ଟୀକରଣ ରାଜନୀତି ସତ୍ତ୍ୱେ ବିଜେପିର ଭୋଟ ପ୍ରତିଶତ ୧.୨୫ ପ୍ରତିଶତ ବୃଦ୍ଧି ପାଇଛି । ସାଧାରଣ ଜନତା, କୃଷକ, ଗୃହିଣି ଓ ଛାତ୍ରମାନେ ବିଜେପି ଉପରେ ଆସ୍ଥା ବ୍ୟକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ କଂଗ୍ରେସର ଲୋଭନୀୟ ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରିବାକୁ ମଧ୍ୟ ପଛେଇ ନଥିଲେ । ସେ କହିଥିଲେ ଯେ, ଏହି ନିର୍ବାଚନ ପ୍ରଚାରରେ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଲୋକମାନଙ୍କ ଦୃଷ୍ଟି ଭଙ୍ଗ କରିବା ପାଇଁ ବ୍ୟକ୍ତିଗତ ଆକ୍ଷେପ ଓ ଆପତ୍ତିଜନକ ଅପଶବ୍ଦ ପ୍ରୟୋଗ କରାଯାଇଛି। ଏହା ସତ୍ତ୍ୱେ ଲୋକମାନେ ବିକାଶ ପାଇଁ ପୁଣି ଥରେ ବିଜେପିକୁ ସୁଯୋଗ ଦେଇଛନ୍ତି । ବିକାଶଯାତ୍ରାରେ ସାଧାରଣ ଜନତା ସାମିଲ ହେବା ପାଇଁ ଜନାଦେଶ ଦେଇଛନ୍ତି। ତେବେ ନିର୍ବାଚନ ପ୍ରଚାର ସମୟରେ ଯେଉଁଭଳି ଆକ୍ଷେପ ଓ ଅପଶବ୍ଦ ପ୍ରୟୋଗ କରାଯାଇଛି ତାହା ଦ୍ୱାରା ରାଜନୀତିର ସ୍ତର ହ୍ରାସ ପାଇଥିବା ସେ କହିଛନ୍ତି । ହିମାଚଳପ୍ରଦେଶରେ ବିଜେପିକୁ ଦୁଇତୃତୀୟାଂଶ ଆସନ ମିଳିଥିବାରୁ ସେ ଜନତାଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି ।

## କଂଗ୍ରେସ ହାରିବା ପାଇଁ ସୁପାରି ନେଇଥିଲା : ବାଘେଲା

ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶଙ୍କରସିଂହ ବାଘେଲା କହିଛନ୍ତି ଯେ, କଂଗ୍ରେସବାଲା ହାରିବା ପାଇଁ ବିଜେପି ଠାରୁ ସୁପାରି ନେଇଛନ୍ତି। କଂଗ୍ରେସ ନେତାମାନଙ୍କୁ ଯେତେ ବୁଝାଇଲେ ମଧ୍ୟ ସୁଧୁରିନଥିଲେ । ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ସେମାନେ ଆପତ୍ତି ଜନକ ଅଭିଯୋଗ କରି ନିଜ ଗୋଡରେ ନିଜେ କୁରାଢୀ ମାରିଥିଲେ । ସେ କହିଛନ୍ତି ଯେ, କଂଗ୍ରେସ ନିକଟରେ ବିକଳ୍ପ ଥିଲା କିନ୍ତୁ କଂଗ୍ରେସ ଜାଣିଶୁଣି ହାରିଛି । ସେ କହିଛନ୍ତି ହାରିବା ପରେ କୌଣସି ଦଳ ଆତ୍ମସନ୍ତୋଷ ବ୍ୟକ୍ତ କରି କେବଳ ମନ ବୁଝାଇଥାଏ । ଏହାଦ୍ୱାରା ଦଳୀୟ କର୍ମୀମାନଙ୍କୁ ନିରୁତ୍ସାହିତ ହୋବାରୁ ରକ୍ଷା ମିଳିପାରେ। ସେ କହିଛନ୍ତି ଯେ, ଗୁଜରାଟରେ କଂଗ୍ରେସର ପରାଜୟର ଅନେକଗୁଡିଏ କାରଣ ଅଛି। ସେଥିମଧ୍ୟରୁ ପ୍ରାର୍ଥୀ ଚୟନରେ ତୃଟି ମଧ୍ୟ ଅନ୍ୟତମ କାରଣ

## ଫଳ ନିରାଶ ନଜକ ନୁହେଁ: କର୍ମୀଙ୍କ ପାଇଁ ଗର୍ବିତ: ରାହୁଲ ଗାନ୍ଧି



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଜେପିକୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ, ଆମେ ମର୍ଯ୍ୟାଦାର ସହ ଲଢ଼ିଛୁ । ଏଥି ସହିତ ଜନାଦେଶକୁ ସେ ସ୍ୱିକାର କରୁଥିବା କହିଛନ୍ତି । କଂଗ୍ରେସ କର୍ମୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରି ସେମାନଙ୍କ ପାଇଁ ଗର୍ବିତ ବୋଲି ସେ ଦର୍ଶାଇଛନ୍ତି।

## ଗତଥର ଅପେକ୍ଷା ପ୍ରାୟ ୨ଗୁଣ ସଫଳତା: ଥରୁର

କଂଗ୍ରେସକୁ ସମର୍ଥନ କରି ଦଳର ସାଂସଦ ଶଶି ଥରୁର କହିଛନ୍ତି ଯେ, କଂଗ୍ରେସ ୭୫ଟି ଆସନ ଜିତିବା କିଛି କମ୍ କଥା ନୁହେଁ। ଏହା ଗତଥର ଅପେକ୍ଷା ପ୍ରାୟ ୨ଗୁଣ ସଫଳତା । ଏଥିରୁ ବିଜେପିର ପତନ ଆରମ୍ଭ ହୋଇଥିବା ସଂକେତ ମିଳୁଛି। ଏହି ପ୍ରସଙ୍ଗରେ ଜିଗ୍ନେସ ମେବାନୀ କହିଛନ୍ତି ଯେ, ବଡଗାଓଁର ଲୋକମାନେ ତାଙ୍କୁ ସମର୍ଥନ କରିଛନ୍ତି । ମୁଁ ଉପେକ୍ଷିତବର୍ଗଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବି ।

## ଯାହା ଫଳ ଆସିଛି ତାହା ବିଜେପି ପାଇଁ ଘୋର ଉଦ୍‌ବେଗ୍‌ର ବିଷୟ: ଉମର ଅବଦୁଲ୍ଲା

ଜମ୍ମୁ-କାଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା କହିଛନ୍ତି ଯେ, ଗୁଜରାଟ ନିର୍ବାଚନ ପାଇଁ ପୁରା ବିଜେପିର ଟିମ୍ ଏପରି କି କେନ୍ଦ୍ରମନ୍ତ୍ରୀମାନେ ଗୁଜରାଟରେ ଡେରା ପକାଇ ରହିଥିଲେ । ଏଥିଯୋଗୁ ସଂସଦର ଅଧିବେଶନକୁ ମଧ୍ୟ କାଣ୍ଟଛାଣ୍ଟ କରାଗଲା । ଖୋଦ୍ ପ୍ରଧାନମନ୍ତ୍ରୀ ଗୁଜରାଟରେ ୪୧ଟି ର୍‍ୟାଲି କଲେ । ଏଥିରୁ ମୁଁ ଭାବୁଥିଲି ଗୁଜରାଟରେ ବିଜେପି କ୍ଲିନ୍ ସ୍ୱିପ୍ କରିବ । କିନ୍ତୁ ଯାହା ଫଳ ଆସିଛି ତାହା ବିଜେପି ପାଇଁ ଘୋର ଉଦ୍‌ବେଗ୍‌ର ବିଷୟ ।

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଗୁଜରାଟବାସୀଙ୍କ ଆସ୍ଥା: ନୀତୀନ ଭାଇ ପଟେଲ

ବିଜେପିର ମାହେସେନାରୁ ପ୍ରାଥୀ ହୋଇଥିବା ନୀତିନ ଭାଇ ପଟେଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଗୁଜରାଟବାସୀ ପୁଣି ଥରେ ସେମାନଙ୍କର ଆସ୍ଥା ବ୍ୟକ୍ତ କରିଛନ୍ତି ।

## ଯୋ ଜିତା ୱୋହି ସିକନ୍ଦର: ସ୍ମୃତି ଇରାନି

ବିଜେପିର ରାଜ୍ୟସଭା ସାଂସଦ ସ୍ମୃତି ଇରାନୀ କହିଛନ୍ତି ଯେ, ଗୁଜରାଟ ଓ ହିମାଚଳପ୍ରଦେଶରେ ବିଜେପିର ବିଜୟ ପ୍ରକୃତରେ ବିକାଶର ବିଜୟ । ସେ କହିଛନ୍ତି ଯୋ ଜିତା ୱୋହି ସିକନ୍ଦର । ପ୍ରତ୍ୟେକ ବ୍ୟକ୍ତି ଯିଏ ବିକାଶରେ ବିଶ୍ୱାସ କରନ୍ତି ସେମାନଙ୍କର ବିଜୟ ହୋଇଛି ।

## ହାର୍ଦ୍ଦିକ, ଜିଗନେସ ଓ ଅଳ୍ପେଶ କଂଗ୍ରେସକୁ ସାହାଯ୍ୟ କଲେ ନା କ୍ଷତି କଲେ: ରାମ ମାଧବ

ବିଜେପି ନେତା ରାମ ମାଧବ କହିଛନ୍ତି ଯେ, ହାର୍ଦ୍ଦିକ ପଟେଲ, ଜିଗନେସ ମେବାନୀ ଓ ଅଳ୍ପେଶ ତ୍ରୋଇକା ଏହି ନିର୍ବାଚନରେ କଂଗ୍ରେସକୁ ସାହଯ୍ୟ କରିଛନ୍ତି ଅଥବା କଂଗ୍ରେସ ପାଇଁ କ୍ଷତିକାରକ ହୋଇଛନ୍ତି ତାହା କଂଗ୍ରେସ ଆତ୍ମସମୀକ୍ଷା କରିବା ଉଚିତ୍ । ବିଜେପି ଲଗାତର ୫ମ ଥର ପାଇଁ ଗୁଜରାଟରେ ବିଜୟୀ ହୋଇଥିଲେ ହେଁ ଆମେ ଜନାଦେଶର ବିନମ୍ରତାପୂର୍ଣ୍ଣ ଭାବେ ସମୀକ୍ଷା କରିବୁ ।

## କଂଗ୍ରେସକୁ ପ୍ରଶଂସା କଲେ ଶତ୍ରୁଘ୍ନ

ବିଜେପିକୁ ସମାଲୋଚନା କରୁଥିବା ଶତ୍ରୁଘ୍ନ ସିହ୍ନା କହିଛନ୍ତି ଯେ, ଆମେ କଂଗ୍ରେସକୁ ଶୁଭେଚ୍ଛା ଦେବା ଦରକାର କାରଣ ଏହାର ଯୁବ ଅଧ୍ୟକ୍ଷଙ୍କ ଯୋଗୁ କଂଗ୍ରେସ ସବୁ ଆକଳନକୁ ମିଛ ସାବ୍ୟସ୍ତ କରି ଆଶା ଠାରୁ ଅଧିକ ଆସନରେ ବିଜୟ ହୋଇଛି । ଏହାକୁ ସେ କଂଗ୍ରେସ ପାଇଁ ଏକ ଜବରଦସ୍ତ ଉପଲବ୍ଧି ବୋଲି ବର୍ଣ୍ଣନା କରି ଗଣତନ୍ତ୍ରର ବିଜୟ ହେଉବୋଲି ଆଶା କରିଛନ୍ତି ।

## ବିଭାଜନ ରାଜନୀତିର ପରାଜୟ: ଆଦିତ୍ୟନାଥ

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ କହିଛନ୍ତି ଯେ, କଂଗ୍ରେସ ଧର୍ମ ଓ ଜାତିଆଣ ଭିତ୍ତିରେ ଯେଉଁ ବିଭାଜନର ରାଜନୀତି କରୁଥିଲା ତାହାର ପରାଜୟ ହୋଇଛି । ବିଜେପିର ଦୃଢ ନେତୃତ୍ୱ ଓ ବିଜେପି କର୍ମୀଙ୍କ କଠିନ ପରିଶ୍ରମକୁ ସେ ପ୍ରଶଂସା କରିଛନ୍ତି ।

## ଗବରର ନୋଟବନ୍ଦୀ: ସୁଶୀଲ ମୋଦି

ବିହାର ଉପମୁଖ୍ୟମନ୍ତ୍ରୀ ସୁଶିଲ କୁମାର ମୋଦି କହିଛନ୍ତି ଯେ, ଜିଏସଟିକୁ ଗବର ସିଂ ଟିକସ କହୁଥିବା ନେତାମାନଙ୍କର ମୁହଁ ଚୁପ୍ ହୋଇଯାଇଛି । କାରଣ ଗୁଜରାଟରେ ଗବରର ନୋଟବନ୍ଦୀ ହୋଇଯାଇଛି ।

## ଟ୍ୟାମ୍ପରିଂ କରି ବିଜେପି ଜିତିଛି : ହାର୍ଦ୍ଦିକ ପଟେଲ

ଗୁଜରାଟର ପଟିଦାର ସମ୍ପ୍ରଦାୟ ନିମନ୍ତେ ସଂରକ୍ଷଣ ଦାବି କରି ଉଗ୍ର ରାଜନୀତି କରୁଥିବା ପଟିଦାର ଅନାମତ ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ଏହି ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରୁଥିଲେ । ତେବେ କଂଗ୍ରେସ ସୋଚନୀୟ ଭାବେ ପରାଜୟ ହେବାପରେ ସେ କହିଛନ୍ତି ଯେ, ବିଜେପି ପ୍ରଚୁର ଟଙ୍କା ବାଣ୍ଟିଛି ଓ ଇଭିଏମ୍ ହ୍ୟାକ୍ କରି ବିଜୟୀ ହୋଇଛି । ଏହି ପ୍ରସଙ୍ଗରେ ବିଜେପି ମଧ୍ୟ ଶକ୍ତ ଜବାବ ରଖିଛି । ବିଜେପି ପକ୍ଷରୁ କୁହାଯାଇଛି ଯେ, ଅଦାଲତ ଓ ନିର୍ବାଚନ କମିଶନ ଇଭିଏମ୍ ହ୍ୟାକିଂ ଭଳି ଅଭିଯୋଗକୁ ବାରମ୍ବାର ଅଗ୍ରାହ୍ୟ କରିଆସୁଥିବାବେଳେ ପରାଜୟ ପରେ ବିରୋଧିମାନେ ଏଭଳି ଅଭିଯୋଗ ଆଣିବା ସେମାନଙ୍କ ହତାଶାର ପରିଚୟ ।

## ମୁମ୍ବାଇରେ ଅଗ୍ନିକାଣ୍ଡ ଘଟି ୧୨ ଜଣଙ୍କର ମୃତ୍ୟୁ

ମୁମ୍ବଇ, ୧୮/୧୨(ଏଜେନ୍ସି) ସାକିନାକା ଅଞ୍ଚଳରେ ଖଇରାନୀ ରୋଡରେ ଥିବା ଏକ ସ୍ନାକ୍ସ ଦୋକାନରେ ନିଆଁ ଲାଗିଯିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୪ ଜଣ ଆହତ ହୋଇଛନ୍ତି । ସୋମବାର ସକାଳେ ଭାନୁଫର୍ଷାନ ସ୍ନାକ୍ସ ଦୋକାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ତୁରନ୍ତ ଅଗ୍ନୀଶମ ବିଭାଗକୁ ଖବର କରାଯାଇଥିଲା । ତେବେ ମୁସଲିମ ଅଞ୍ଚଳରେ ଥିବା ଏହି ଛୋଟ ଦୋକାନରେ କିଭଳି ଏତେ ସଂଖ୍ୟକ ଲୋକ ମଲେ ତାହା ଜଣାପଡିନାହିଁ । ଏହା ଏକ ମହଲା ବିଶିଷ୍ଟ ଆଜବେଷ୍ଟସ୍ ଘର, ଯେଉଁଥିରେ ସଟର ଲାଗିଥିଲା । ଏହି ୪ ଜଣ ଆହତଙ୍କୁ ରାଜୱାଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ୧୧ ବର୍ଷ ଧରି ଫେରାର ଥିବା ମହିଳା ଜୁନାଗଡରେ ଧରାପଡିଲେ

ରାଜକୋଟ, ୧୮/୧୨(ଏଜେନ୍ସି) ୧୧ ବର୍ଷ ତଳେ ନିଜ ସ୍ୱାମୀଙ୍କୁ ହତ୍ୟା କରି ଜୁନାଗଡ ଜିଲ୍ଲାର ମାନବାଦର ସହରରେ ରହୁଥିବା ଜଣେ ୫୧ ବର୍ଷୀୟା ମହିଳା ଫେରାର ହୋଇଯାଇଥିଲେ । ଆଇନ୍‌ର ହାତରୁ ବର୍ତ୍ତିବା ପାଇଁ ସେ ଏ ସହରରୁ ସେ ସହର ଦୌଡୁଥିଲେ । ଶେଷରେ ତାଙ୍କୁ ରାଜକୋର୍ଟ ପୋଲିସ ଗିରଫ କରିଛି । ଏହି ମହିଳାଙ୍କ ନାମ ହେଉଛି ଚାନ୍ଦିନ ଲୋଧିଆ ଓରଫ ନୈନା । ୨୦୦୬ରେ ଗୁଜରାଟ ହାଇକୋର୍ଟ ତାଙ୍କ ନାମରେ ଜାମିନ୍ ବିହୀନ ପରୱାନା ଜାରି କରିଥିଲେ । ସେ ହରେନ୍ଦ୍ର ଲୋଧିଆଙ୍କୁ ବିବାହ କରି ଦୁବାଇରେ ରହୁଥିଲେ । ତେବେ ୨୦୦୦ ମସିହାରେ ଗୁଜରାଟ ଫେରି ସେମାନେ ଦିଗବିଜୟୀ ରେସିଡେନ୍ସି ରେ ରହୁଥିବା ସମୟରେ ପତୀପତ୍ନୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଚାନ୍ଦୀନ ଉତ୍ତରପ୍ରଦେଶର ସୁପାରୀ କିଲରଙ୍କୁ ଟଙ୍କା ଦେଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ । ସୋମବାର ତାଙ୍କୁ କୋର୍ଟରେ ହାଜାର କରାଯାଇଛି ।

## ସେନସେକ୍ସରେ ଅସ୍ଥିରତା



ମୁମ୍ବଇ, ୧୮/୧୨(ଏଜେନ୍ସି) ଗୁଜରାଟ ଓ ହିମାଚଳପ୍ରଦେଶର ନିର୍ବାଚନ ଫଳ ପ୍ରକାଶ ପରିପ୍ରେକ୍ଷୀରେ ସୋମବାର ସମ୍ବେଦୀ ସୂଚକାଙ୍କ ସେନସେକ୍ସରେ ବଡଧରଣର ଅସ୍ଥିରତା ଦେଖିବାକୁ ମିଳିଥିଲା । ମାର୍କେଟ ଖୋଲୁ ଖୋଲୁ ସେନସେକ୍ସ ପ୍ରାୟ ୮୦୦ ପଏଣ୍ଟ ଖସିଯାଇଥିଲା । ସେହିପରି ନିଫ୍ଟି ମଧ୍ୟ ପ୍ରାୟ ୨୦୦ ପଏଣ୍ଟ ଖସିଯାଇଥିଲା । ପ୍ରାରମ୍ଭିକ ଗଣତି ସମୟରେ କଂଗ୍ରେସ ଗୁଜରାଟରେ ଆଗୁଆ ଥିବାରୁ ଏହାକୁ ସହଜରେ ଗ୍ରହଣ କରିପାରିନଥିଲା ପୁଞ୍ଜି ବଜାର ତେବେ ପରପର୍ତ୍ତି ସମୟରେ ବିଜେପି ବିଜୟୀ ହେବା ଜଣାପଡିବା ପରେ ୯୫୦ ପଏଣ୍ଟ ବୃଦ୍ଧି ପାଇ ୩୩୬୦୧.୬୮ ପଏଣ୍ଟକୁ ବୃଦ୍ଧି ପାଇଛି । ସେହିପରି ନିଫ୍ଟି ସୋମବାର ଶେଷ ସୁଦ୍ଧା ୫୫.୫ ପଏଣ୍ଟ ବୃଦ୍ଧି ପାଇ ୧୦୩୮୮.୭୫ ପଏଣ୍ଟରେ ବନ୍ଦ ହୋଇଛି ।

## ୫୦%ରୁ ଅଧିକ ପ୍ୟାନ୍‌କାର୍ଡ ଆଧାର ନମ୍ବର ସହ ସଂଯୁକ୍ତ

ନୂଆଦିଲ୍ଲୀ, ୧୮/୧୨(ଏଜେନ୍ସି) :ଆୟକର ରିଟର୍ଣ୍ଣ ଫାଇଲ୍ ନିମନ୍ତେ ଆଧାର ନମ୍ବର ବାଧ୍ୟତାମୂଳକ କରିବା ପରେ ସରକାର ପ୍ୟାନ୍‌କାର୍ଡକୁ ଆଧାର ନମ୍ବର ସହ ସଂଯୁକ୍ତ କରିବାକୁ କହିଥିଲେ । ଆଧାର ନମ୍ବର ନ ଥିଲେ ପ୍ୟାନ୍ କାର୍ଡକୁ ସରକାର ରଦ୍ଦ କରାଯିବ ବୋଲି କୁହାଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ୫୦%ରୁ ଅଧିକ ପ୍ୟାନକାର୍ଡ ଆଧାର ସହ ସଲଂଗ୍ନ ହୋଇସାରିଥିବା ଆୟକର ବିଭାଗ ଦର୍ଶାଇଛନ୍ତି । ଏ ନେଇ ସରକାର ପୂର୍ବରୁ ଚଳିତବର୍ଷ ଡିସେମ୍ବର ୩୧ ତାରିଖକୁ ସମୟସୀମା ଧାର୍ଯ୍ୟ କରିଥିଲେ । ତେବେ ଇତିମଧ୍ୟରେ ଏହି ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

## ଫୋଲ୍ଡେବଲ୍ ଡୁଆଲ ସ୍କିନ୍ ନୋଟ ବୁକ୍‌ର ପେଟେଣ୍ଟ ପାଇଁ ଆବେଦନ କଲା ମାଇକ୍ରୋସଫ୍ଟ




ନୂଆଦିଲ୍ଲୀ, ୧୮/୧୨(ଏଜେନ୍ସି) ଆମେରିକାର ମାଇକ୍ରୋସଫ୍ଟ କମ୍ପାନୀ ଫୋଲ୍ଡେବୁଲ୍ ଡୁଆଲ ସ୍କିନ୍ ନୋଟ ବୁକ୍ ପ୍ରସ୍ତୁତ କରିଛି । ଏହାକୁ ଏବେ କମ୍ପାନୀ ଏବେ ପେଟେଣ୍ଟ କରାଇବାକୁ ଆବେଦନ କରିଛି । ଏହା ଲିନୋଭୋର ଯୋଗ ଭଳି ଦେଖିବାକୁ ମିଳିଛି । ଏହାର ମୋଟେଇ ଅତ୍ୟନ୍ତ ପତଳା । ଅତି ସୂକ୍ଷ୍ମ ଭାବେ ନିର୍ମିତ ହୋଇଥିବା ଏହି ନୋଟ୍‌ବୁକ୍‌ରେ ତାପମାତ୍ରା ବୃଦ୍ଧି ଭଳି ସମସ୍ୟା ନାହିଁ । ଏହାର ବ୍ୟାଟେରୀ ଲାଇଫ୍ ଅନ୍ୟାନ୍ୟ ନୋଟ ବୁକ୍ ତୁଳନାରେ ଯଥେଷ୍ଟ ଅଧିକା ବୋଲି କୁହାଯାଉଛି

# ଗୁଜରାଟରେ ବିଜେପି ବିଜୟର ୪ ପ୍ରମୁଖ କାରଣ

ନୂଆଦିଲ୍ଲୀ , ୧୮/୧୨(ଏଜେନ୍ସି) କ୍ରମାଗତ ୪ର୍ଥ ଥର ଲାଗି ବିଜେପିକୁ ନିର୍ବାଚନ ଜିତାଇବାରେ ସକ୍ଷମ ହୋଇଥିବା ଗୁଜରାଟ ନରେନ୍ଦ୍ର ମୋଦିଙ୍କ ଏହି ସଫଳତାର କାରଣ କ'ଣ ? ୪ଟି ପ୍ରମୁଖ କାରଣ ମୋଦିଙ୍କୁ ନିର୍ବାଚନ ସଫଳତା ଦେଇଥିବା କୁହାଯାଉଛି ।

### ବିକାଶ ଏଜେଣ୍ଡା:

ମୋଦି ତାଙ୍କ ଶାସନକାଳରେ ଗୁଜରାଟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଲୋକପ୍ରିୟ କରାଇବାରେ ସଫଳ ହୋଇପାରିଛନ୍ତି। ଅନେକ ସାମାଜିକ କ୍ଷେତ୍ରରେ ଗୁଜରାଟ ଏବେବି ଏକନମ୍ବର ନାହିଁ। ରାଜ୍ୟରେ ଶିଳ୍ପ ବିକାଶ ହିଁ ଅଧିକ ଗୁରୁତ୍ୱବହନ କରିଛି। ତେବେ ଗୁଜରାଟୀଙ୍କ ଲାଗି ମୋଦିଙ୍କ ନିରନ୍ତର ଉଦ୍ୟମ ମଧ୍ୟ ନିର୍ବାଚନ ସଫଳତା ଲାଗି ଏକ କାରଣ।

### ସହରାଞ୍ଚଳ ମଧ୍ୟବିତ୍ତଙ୍କ ପ୍ରିୟ:

ମୋଦିଙ୍କ ପ୍ରତି ବଢିଥିବା ଜନସମର୍ଥନ ପଛରେ ରହିଛି ସହରାଞ୍ଚଳରେ ବସବାସ କରୁଥିବା ମଧ୍ୟବିତ୍ତ ଶ୍ରେଣୀ। ମୋଦି ସେମାନଙ୍କର ଅତ୍ୟନ୍ତ ପ୍ରିୟ ନେତା ହୋଇସାରିଛନ୍ତି। ସେଥିଲାଗି ରାଜ୍ୟର ସବୁ ବଡ଼ ବଡ଼ ସହରରେ ବିଜେପିକୁ ବେଶ୍ ସଫଳତା ମିଳିଥିବା ଚଳିତ ଫଳାଫଳରୁ ସ୍ପଷ୍ଟ ହୋଇଛି। ମୋଦିଙ୍କ 'ଭାଇବ୍ରାଣ୍ଟ ଗୁଜରାଟ' ପ୍ରଚାରରେ ଗ୍ରାମୀଣ ଜନତା ପ୍ରଭାବିତ ହୋଇନଥିଲେ ମଧ୍ୟ ସହରାଞ୍ଚଳରେ ଏହାର ବେଶ୍ ପ୍ରଭାବ ରହିଥିଲା।

### ଆଦିବାସୀ ଓ ସଂଖ୍ୟାଲଘୁଙ୍କ ସମର୍ଥନ:

ମୋଦି ତାଙ୍କ କଠୋର ହିନ୍ଦୁବାଦୀ ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ବିକାଶକୁ ପ୍ରାଧାନ୍ୟ ଦେଇଥିବାରୁ ଏହା ଉପରେ ଆଦିବାସୀ ଓ ସଂଖ୍ୟାଲଘୁ ଶ୍ରେଣୀ ଆସ୍ଥାପ୍ରକଟ କରିଛନ୍ତି। ଏହି ଦୁଇଟି କ୍ଷେତ୍ରରେ ମୋଦି ପୂର୍ବରୁ ଅନଶନ କରି ସଂଖ୍ୟାଲଘୁଙ୍କ ସମର୍ଥନ ହାସଲ କରିଥିବାବେଳେ ଗୁଜରାଟ ପଦଯାତ୍ରା ତାଙ୍କୁ କଂଗ୍ରେସ ଗଡ଼ ଆଦିବାସୀ ଇଲାକାରୁ ମଧ୍ୟ ଭୋଟ ଦେଇଛି। କଂଗ୍ରେସରଜାତିଆଣ ଓ ସରକ୍ଷଣବାଦ ଏହି ଭୋଟରମାନଙ୍କୁ ପ୍ରଭାବିତ କରିପାରି ନାହିଁ।

### କଂଗ୍ରେସର ନକାରାତ୍ମକ ପ୍ରଚାର:

ରାଜ୍ୟରେ କଂଗ୍ରେସର କ୍ରମାଗତ ପରାଜୟ ଏହି ଜାତୀୟ ଦଳକୁ ଅତ୍ୟନ୍ତ ଦୁର୍ବଳ କରିଦେଇଛି। ସେଭଳି କୌଣସି ଆଞ୍ଚଳିକ ନେତାଙ୍କୁ ରାଜ୍ୟରେ ଜାତୀୟ କଂଗ୍ରେସ ତିଆରି କରିବାରେ ସକ୍ଷମ ହୋଇପାରିନି। ଏହି ନିର୍ବାଚନରେ କଂଗ୍ରେସ ଧର୍ମ ଆଧାରରେ ହିନ୍ଦୁଙ୍କ ଭୋଟ ହାତେଇବାକୁ ଉଦ୍ୟମ କରିଥିଲା। ରାହୁଲ ବିଭନ୍ନ ମନ୍ଦିରକୁ ଯାଇ ଲୋକ ଦେଖାଣିଆ ପୂଜାର୍ଚ୍ଚନା କଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସ ନେତାମାନେ ଅପଶବ୍ଦ ପ୍ରୟୋଗ କଲେ । ମୋଦିଙ୍କୁ ତୁଚ୍ଛ ଦର୍ଶାଇଲେ । ଏହା ଗୁଜରାଟ ବାସୀଙ୍କୁ ବାଧି ଥିଲା। ଏହି କାରଣରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ଏବଂ ପଟିଦାର ନେତା ହାର୍ଦ୍ଦିକ ପଟେଲ, ଜିଗ୍ନେସ ମେବାନୀ ଓ ଅଳ୍ପେଶ ତ୍ରୋଇକାଙ୍କ ପ୍ରଚାର ସତ୍ତ୍ୱେ କଂଗ୍ରେସ ମୋଦିଙ୍କ ସାମ୍ରାଜ୍ୟକୁ ଭାଙ୍ଗିବାକୁ ସଫଳ ହୋଇପାରି ନାହିଁ। ମୋଦିଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଲାଗି କଂଗ୍ରେସର କୌଣସି ଆଞ୍ଚଳିକ ନେତା ନଥିଲେ । ଗୁଜରାଟ ଜନତା ଜାଣିଛନ୍ତି ଗାନ୍ଧି ପରିବାର ସଦସ୍ୟ ମୁଖ୍ୟମନ୍ତ୍ରୀ ଲାଗି ଜନ୍ମ ହୋଇନାହାନ୍ତି। ଯଦି ସେ କ୍ଷମତାକୁ ଆସନ୍ତି, ତେବେ ପ୍ରଧାନମନ୍ତ୍ରୀ ହେବେ। ସେଥିପାଇଁ କଂଗ୍ରେସ ଯୁବରାଜଙ୍କ କରିସ୍ମା ଚଳିତ ନିର୍ବାଚନରେ ଗୁଜରାଟରେ ଦେଖାଯାଇନି।

## ଜିଏସଟିକୁ ନେଇ ନକରାତ୍ମକ ପ୍ରଚାରର କୌଣସି ପ୍ରଭାବ ପଡିଲା ନାହିଁ



ଜିଏସଟି ଯୋଗୁ ସୁରତରେ କଳକାରଖାନା କୁଆଡେ ବନ୍ଦ ହୋଇଯାଇଛି । ଲୋକମାନେ କାମ ପାଉନାହାଁନ୍ତି । ଏଥିଯୋଗୁ ବିଜେପି ବିରୁଦ୍ଧରେ ଭୋଟ ଯିବ ବୋଲି କୁହାଯାଉଥିଲା । ତେବେ ନିର୍ବାଚନ ଫଳରୁ ସେଭଳି କିଛି ଦେଖିବାକୁ ମିଳିନାହିଁ । ଏଠାରେ ବଣିଆ ଓ ପଟେଲ ସମ୍ପ୍ରଦାୟ ଜିଏସଟି ପ୍ରସଙ୍ଗରେ କଂଗ୍ରେସର ସମର୍ଥନ କରିବେ ବୋଲି କୁହାଯାଉଥିଲା । ଏପରିକି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗୁଜରାଟ ନିର୍ବାଚନ ପ୍ରଚାର ସମୟରେ ଜିଏସଟିକୁ ଗବର ସିଂ ଟାକ୍ସ ବୋଲି ଅଭିହିତ କରିଥିଲେ । ଯଦିଓ ଏଥିରେ ଚାପଗ୍ରସ୍ତ ହୋଇ କେନ୍ଦ୍ର ସରକାର ପ୍ରାୟ ୨୦୦ରୁ ଅଧିକ ପଦାର୍ଥ ଉପରେ ଜିଏସଟି ହ୍ରାସ କରିଥିଲେ । କିନ୍ତୁ ସୁରତରେ ବିଜେପି ପ୍ରାଥୀମାନଙ୍କର ବିପୁଳ ବିଜୟ ସାବ୍ୟସ୍ତ କରିଛି ଯେ, ଏଠାକାର ଭୋଟରଙ୍କ ଉପରେ ଜିଏସଟିକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ ।

# ସୁନ୍ଦରଗଡ ଜିଲ୍ଲା ସମାଚାର

## ସରକାରୀ ଡାକ୍ତରଖାନା ପାଇଁ ଭିକ ମାଗିଲେ ସ୍ୱେଚ୍ଛାସେବୀ



ରାଉରକେଲା, ୧୮/୧୨ (ଶ୍ରୁ.ମି): ଆର୍ଥିକ ଅଭାବ ଅନାଟନରେ ବାସ କରୁଥିବା ଲୋକମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ କରିଛନ୍ତି ସରକାରୀ ଡାକ୍ତରଖାନା। କେବଳ ସେତିକି ନୁହେଁ ଏଥିପାଇଁ ଅନେକ ଯୋଜନା ବନାଇ ହଜାରହଜାର କୋଟି ଟଙ୍କା ଖର୍ଚ୍ଚ ମଧ ହେଉଛି। ମାଗଣାରେ ରୋଗୀମାନଙ୍କୁ ଔଷଧ ଦେବା ନାମରେ ଆରମ୍ଭ ହୋଇଥିବା ନିରାମୟ ଯୋଜନା ତନ୍ମଧ୍ୟରୁ ଅନ୍ୟତମ। ତେବେ ରାଜ୍ୟ ସରକାରଙ୍କ ଏହି ଯୋଜନାର ସଫଳ କ୍ରିୟାନ୍ୱୟନ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ କେତେ ଯେ ତତ୍ପର ତାହା ରାଉରକେଲା ସରକାରୀ ଡାକ୍ତରଖାନା ଚାଲୁଥିବା ହିଟଲରୀ ଶାସନକୁ ଦେଖିଲେ ସ୍ପଷ୍ଟ ଜଣାପଡିବ। ଏଠାରେ ସୂଚନାଯୋଗ୍ୟକି ବିଗତ କିଛିଦିନ ହେବ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା କେତେକ ବେସାହାରା ଏବଂ ଗରିବ ରୋଗୀମାନଙ୍କୁ ଡାକ୍ତରଖାନାରେ ମାଗଣା ଚିକିତ୍ସା ଯୋଗାଇ ଦେବାତ ଦୂରର କଥା ବେଡଟିଏ ମଧ ନଦେବା କାରଣରୁ କେତେକ ରୋଗୀ ଡାକ୍ତରଖାନା ବାରଣ୍ଡାରେ ହିଁ ପଡିପଡି ମୃତ୍ୟୁବରଣ କରିଛନ୍ତି। ରୋଗୀମାନଙ୍କ ପ୍ରତି ଆରଜିଏଚ୍‌ରେ ହେଉଥିବା ଏପରି ଅମାନବୀୟ ବ୍ୟବହାରକୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାର୍କ ପକ୍ଷରୁ ସ୍ୱର ଉତ୍ତୋଳନ କରାଯିବାରୁ ନିଜର ଭୁଲ୍ ତ୍ରୁଟିକୁ ସୁଧାରି ରୋଗୀମାନଙ୍କୁ ସେବା ଯୋଗାଇ ଦେବା ବଦଳରେ ଓଲଟା ଡାକ୍ତରଖାନା ପକ୍ଷରୁ ସ୍ୱାର୍କର ସଦସ୍ୟମାନଙ୍କୁ ତାଗିଦ କରାଯିବା ସହିତ ଡାକ୍ତରଖାନାରେ ପଶିବା ପାଇଁ ବାରଣ ମଧ କରାଯାଉଛି ବୋଲି ସ୍ୱାର୍କ ପକ୍ଷରୁ ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ ଡାକ୍ତରଖାନାରେ ହେଉଥିବା ଅବ୍ୟବସ୍ଥା ଏବଂ କର୍ତ୍ତୃପକ୍ଷଙ୍କ ହିଟଲରୀ ଶାସନର ପର୍ଦ୍ଦାଫାସ ପାଇଁ ସମ୍ବାଦ ସଂଗ୍ରହ ପାଇଁ ଡାକ୍ତରଖାନାକୁ ଯାଉଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଫଟୋ ଉଠାଇବା ପାଇଁ ମଧ ଆଜିକାଲି ବାରଣ କରାଯିବା ଆରମ୍ଭ ହୋଇଛି। ଆରଜିଏଚ୍‌ର ଏହି ହିଟ୍‌ଲରୀ ଶାସନରେ ଅତିଷ୍ଠ ହୋଇ ଅନ୍ୟ ଉପାୟ ନପାଇ ରୋଗୀମାନଙ୍କ ସେବା ପାଇଁ ସେମାନଙ୍କ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାର୍କର ସଦସ୍ୟମାନେ ଆଜି ପାନପୋଷ ଠାରେ ଥିବା ଗାନ୍ଧୀ ଛକ ଠାରେ ଆରଜିଏଚ୍ ନାମରେ ଜନତାଙ୍କୁ ଭିକ ମାଗିଥିଲେ। ପ୍ରଥମ ଦିନରେ ମୋଟ୍ ୮୦୫ ଟଙ୍କା ସଂଗ୍ରହ ହୋଇଥିବାବେଳେ ଆସନ୍ତା ଦିନରେ ଜନସାଧାରଣଙ୍କ ସହଯୋଗରେ ଏହି ପ୍ରକ୍ରିୟା ନିୟମିତ ଚାଲିବ ବୋଲି ସ୍ୱାର୍କ ପକ୍ଷରୁ କୁହାଯାଇଛି। ଆଜିର ଏହି ଭିକ୍ଷା ବୃତ୍ତି କାର୍ଯ୍ୟକ୍ରମରେ ସ୍ୱାର୍କର ହିମାଂଶୁ ଶେଖର ନାୟକ, ହରଦୀପ ସିଂ ଧୂତ୍, ପ୍ରଶାନ୍ତ ଦାସ, ଅମ୍ରିତ ଅଗ୍ରୱାଲ, ସୁଭଶ୍ରୀ ପ୍ରଧାନ, ମହମ୍ମଦ ନଜୀମ, ସୁରଜଲାଲ ହେମ୍ବ୍ରମ, ରବି ଭୋଇ, ସୁଭ୍ରତ ବୁଡ, ଚନ୍ଦନ କୁମାର ଝା, ଆଶିଷ ଘୋଷ, ମନୋଜ ଦାସ, ଲୋକନାଥ ବାରିକ, ବିକାଶ ପ୍ରମୁଖ ଉପସ୍ଥିତ ଥିବାବେଳେ ସ୍ଥାନୀୟ ଅଞ୍ଚଳର ନିବାସୀ ପ୍ରେମ ପୁନିତ ଅରୋରା , କୁଳଦୀପ କୌର, ସୀତା ଛତ୍ରୀ ମଧ ସହଯୋଗ କରିଥିବା ଜଣାପଡିଛି।

## ବିଭିନ୍ନ ଦାବି ନେଇ ଯୁବରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିକ୍ଷୋଭ

ରାଉରକେଲା, ୧୮/୧୨ (ଶ୍ରୁ.ମି): ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ଘରୋଇ କଳକାରଖାନା ସମେତ ଅନ୍ୟାନ୍ୟ ରାଷ୍ଟ୍ରାୟତ ଉଦ୍ୟୋଗରେ ନିଯୁକ୍ତି ବେଳେ ସ୍ଥାନୀୟ ବେକାରଙ୍କୁ ପ୍ରାଥମିକତା ଦେବା, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦରମା ଦେବା, କୃଷକଙ୍କ ପରିବାରକୁ ମାସିକ ସର୍ବନିମ୍ନ ୧୦,୦୦୦ ଟଙ୍କାର କାମ ଯୋଗାଇ ଦେବାର ବ୍ୟବସ୍ଥା କରିବା, ଅନ୍ୟାନ୍ୟ ଶ୍ରମିକମାନଙ୍କୁ ମାସିକ ସର୍ବନିମ୍ନ ୧୮,୦୦୦ ଟଙ୍କା ପ୍ରଦାନ କରିବା ଆଦି ଦାବିରେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଉରକେଲା ଶାଖା ପକ୍ଷରୁ ଆଜି ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ନିଜ ଦାବି ସମ୍ବନ୍ଧରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ମଧ ପ୍ରଦାନ କରିଥିବା ଜଣାପଡିଛି।



## ତିନି ଗୋଡିଆ ଛେଳିର ଜନ୍ମ



କୁତ୍ରା, ୧୮/୧୨ (ଶ୍ରୁ.ମି): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା କୁତ୍ରା ଥାନା ଅଞ୍ଚଳର ଡାହିକି ଗ୍ରାମର ହରିଜନପଡାରେ ରହୁଥିବା ରାଜୁଗର୍ଡିଆ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଗୋଟିଏ ୩ ଗୋଡିଆ ଛେଳି ଜନ୍ମ ହୋଇଛି। ଛେଳିର ଆଗରେ ୨ଟି ଗୋଡ ଥିବାବେଳେ ପଛରେ ଗୋଟିଏ ଗୋଡ ଅଛି। ଏହି ତିନି ଗୋଡିଆ ଛେଳିଟିକୁ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗିଛି।

## ରେଳଲାଇନରୁ ଯୁବକର ଶବ ଉଦ୍ଧାର

ରାଉରକେଲା, ୧୮/୧୨ (ଶ୍ରୁ.ମି): ରାଉରକେଲା ରେଳ ଷ୍ଟେସନ ଠାରୁ ପ୍ରାୟ ୩ କି.ମି. ଦୂରରେ ଥିବା ଏସ୍‌ଟିଆର ଛକ ନିକଟ ଦେଇ ଯାଇଥିବା ରେଳ ଧାରଣା କଡରୁ ପୁଲିସ ସୋମବାର ଦିନ ଜଣେ ଯୁବକର ଶବକୁ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ ଗଜପତିପାଲ୍ଲୀର ସଞ୍ଜୟ ନାଏକ ବୋଲି ଜଣାପଡିଛି। ପାରିବାରିକ କଳହକୁ ନେଇ ସଞ୍ଜୟ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ବିଭିନ୍ନ ଦାବି ନେଇ ମ୍ୟୁନିସିପାଲ କଲେଜରେ ଛାତ୍ର ଅଶାନ୍ତି

ରାଉରକେଲା, ୧୮/୧୨ (ଶ୍ରୁ.ମି): ରାଉରକେଲା ମହାନଗର ନିଗମ ଅଧିନରେ ଥିବା ମ୍ୟୁନିସିପାଲ କଲେଜରେ ଛାତ୍ର/ଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନଥିବାବେଳେ ସୁରକ୍ଷାକୁ ନେଇ କଲେଜର ଚାରିପଟେ ପାଚେରୀ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବାବେଳେ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ଶେଷରେ ବାଧ ହୋଇ ଆଜି କଲେଜର ଛାତ୍ରଛାତ୍ରୀମାନେ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟ ଫାଟକରେ ତାଲା ମାରିଦେଇଥିଲେ। ଏଥିନେଇ କଲେଜ ପରିଚାଳନା କର୍ତ୍ତୃପକ୍ଷ ପହଞ୍ଚି ଛାତ୍ରମାନଙ୍କୁ ବୁଝାସୁଝା କରିବା ପରେ ଯାଇ ପରିସ୍ଥିତି ଶାନ୍ତ ପଡିଥିଲା।

## ଜୁନିଅର ଇଞ୍ଜିନିୟର ପଦକୁ ପ୍ରମୋସନ ପାଇଁ ଡିପ୍ଲୋମାଧାରୀଙ୍କ ବିକ୍ଷୋଭ

ରାଉରକେଲା, ୧୮/୧୨ (ଶ୍ରୁ.ମି): ସେଲ (ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ) ଅଧିନରେ ପରିଚାଳିତ ସମସ୍ତ ଇସ୍ପାତ ଉଦ୍ୟୋଗରେ କାର୍ଯ୍ୟ କରୁଥିବା ଡିପ୍ଲୋମାଧାରୀ ଇଞ୍ଜିନିୟରମାନଙ୍କୁ ଜୁନିୟର ଇଞ୍ଜିନିୟର ପଦକୁ ପଦୋନ୍ନତି ଦେବା ସହିତ ଭବିଷ୍ୟତରେ ଡିପ୍ଲୋମାଧାରୀମାନଙ୍କ ପାଇଁ ଉତ୍ତମ ପଦୋନ୍ନତି ନୀତି ଲାଗୁ କରିବା ଦାବିରେ ଆଜି ସମଗ୍ର ଭାରତର ଡିପ୍ଲୋମା ଇଞ୍ଜିନିୟରଧାରୀ ଯୁବକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହିକ୍ରମରେ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟ କରୁଥିବା ଡିପ୍ଲୋମାଧାରୀ ଇଞ୍ଜିନିୟରମାନେ ମଧ ବିଶ୍ରା ଛକ ଠାରେ ନିଜ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡିଛି।



## ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଧ୍ୟାତ୍ମିକ ଚେତନାର ବିକାଶ ଆବଶ୍ୟକ

ରାଉରକେଲା, ୧୮/୧୨ (ଶ୍ରୁ.ମି): ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ବିକାଶ କରାଇବାର ଆବଶ୍ୟକତା ବୋଲି କହିଛନ୍ତି ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ହାଇଦ୍ରାବାଦରୁ ଆସିଥିବା କୁମାର ବାଲ କିଷନ। ଆଜି ସେକ୍ଟର-୧ ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ବାଲକୃଷ୍ଣ କହିଥିଲେ କି ସମ୍ପ୍ରତି ପାଶ୍ଚାତ୍ୟର ଚାକଚକ୍ୟର ବଶବର୍ତ୍ତୀ ହୋଇ ମନୁଷ୍ୟ ଯେପରି ଭାବେ ଦ୍ରୁତ ଗତିରେ ଆଗେଇବା ପାଇଁ ବ୍ୟାକୁଳ ହୋଇ ଶେଷରେ ନିଜର ମାନସିକ ସନ୍ତୁଳନତା ହରାଇ ବସିଛି। ସେହିପରି କ୍ଷେତ୍ରରେ ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗରଣ କରି ସେମାନଙ୍କୁ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ରାଜଯୋଗ ମାଧ୍ୟମରେ ମନୁଷ୍ୟ ମଧ୍ୟରେ ମାନସିକ ଶନ୍ତୁଳନତା ରକ୍ଷା କରାଇବା ଆବଶ୍ୟକ। ଏପରି ହେଲେ ଯାଇ ଜଣେ



ମନୁଷ୍ୟର ସର୍ବାଙ୍ଗୀନ ବିକାଶ ହେବା ସହିତ ଏକ ସୁସ୍ଥ ସମାଜ ମଧ ଗଠନ ହୋଇପାରିବ ବୋଲି ଶ୍ରୀ ବାଲକୃଷ୍ଣ କହିଥିଲେ। ଏହି ଅବସରରେ ସ୍ୱାର୍କର ସର୍ବଭାରତୀୟ ସଂଯୋଜକ ଶ୍ରୀକାନ୍ତ ଭାଇଜୀ ଯୋଗଦେଇ କହିଥିଲେ କି ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ଅଭାବ ଯୋଗୁଁ ମନୁଷ୍ୟ ନିଜ କ୍ଷମତା ଠାରୁ ଅଧିକ କିଛି କରିବାକୁ ଚାହିଁ ବିଫଳ ହୋଇ ଅଶାନ୍ତରେ ଗତି କରିଥାନ୍ତି। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ରାଜଯୋଗ ଶିକ୍ଷା ମାଧ୍ୟମରେ ନିଶ୍ଚିତ ଭାବରେ ମନୁଷ୍ୟ ମଧ୍ୟରେ ମାନସିକ ସନ୍ତୁଳନତା ରକ୍ଷା କରାଯାଇପାରିବ ବୋଲି ଶ୍ରୀ ଶ୍ରୀକାନ୍ତ ଭାଇ କହିଥିଲେ। ଭୁବନେଶ୍ୱରରୁ ଆସିଥିବା ରାଜଯୋଗିନୀ ଦୁର୍ଗା ଭଉଣୀ ନିଜ ବକ୍ତ୍ୟରେ ଶାନ୍ତି, ପ୍ରେମ, ସ୍ନେହ ଓ ଶ୍ରଦ୍ଧା ଦ୍ୱାରା ହିଁ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖାଯାଇପାରିବ। ଏହା ସେତେବେଳେ ସମ୍ଭବ ଯେତେବେଳେ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ମାନସିକ ସନ୍ତୁଳନତା ଦେଖାଦେବ। ନିଜେ ସଂସ୍କାରିତ ହୋଇ ପ୍ରତ୍ୟେକ ବ୍ୟକ୍ତି ତଥା ପରିବାରକୁ ସମୃଦ୍ଧ କରିବା ପାଇଁ ରାଜଯୋଗ ମାଧ୍ୟମରେ ଦିଆଯାଉଥିବା ଶିକ୍ଷାର ଆବଶ୍ୟକତା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଦୁର୍ଗା ଭଉଣୀ କହିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା କେନ୍ଦ୍ରର ମୁଖ୍ୟ ବିମଳା ଦିଦି, କୋଏଲନଗର ମୁଖ୍ୟ ଜୟଶ୍ରୀ , କାଂସବାହାଲ ଶାଖାର ମୁଖ୍ୟ ଜୟନ୍ତୀ ଭଉଣୀ ପ୍ରମୁଖ ମଧ ଉପସ୍ଥିତ ଥିଲେ।

## ଫାଶି ଦେଇ ଯୁବକର ଆତ୍ମହତ୍ୟା

ରାଉରକେଲା, ୧୮/୧୨ (ଶ୍ରୁ.ମି): ଟାଙ୍ଗରପାଲ୍ଲୀ ଥାନା ଅଞ୍ଚଳରେ ଥିବା ସାରନଗରୀର ଗଞ୍ଜୁ ମାର୍କେଟ ଅଞ୍ଚଳରେ ରହୁଥିବା ରଶ୍ମିରଞ୍ଜନ ମଲିକ ନିଜ ଘରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ। ଏସମ୍ବନ୍ଧରେ ଖବର ପାଇ ପୁଲିସ ପହଞ୍ଚି ମୃତ ରଶ୍ମିଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

## ଜଙ୍ଗଲରୁ ଯୁବକର ଶବ ଉଦ୍ଧାର

ଲହୁଣୀପଡା, ୧୮/୧୨ (ଶ୍ରୁ.ମି): ବଣେଇଗଡ ଉପଖଣ୍ଡ ଅଞ୍ଚଳରେ ଥିବା ଲହୁଣୀପଡା ଥାନା ଅଧିନରେ ଥିବା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ଟିଙ୍କୋ ଘାଟି ଜଙ୍ଗଲ ମଧ୍ୟରେ ଏକ ଗଛରେ ଝୁଲୁଥିବା ଜଣେ ଯୁବକର ଶବକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକର ପରିଚୟ ମିଳିନଥିବାବେଳେ ପୁଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ଯୁବକକୁ ମରଣାନ୍ତକ ଆକ୍ରମଣ

ରାଜଗାଙ୍ଗପୁର, ୧୮/୧୨ (ଶ୍ରୁ.ମି): ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଥିବା କେତେରକେଲା ଗ୍ରାମରେ ରହୁଥିବା ଉପେନ୍ଦ୍ର ଲାକ୍ରା ନାମକ ଜଣେ ଯୁବକ ସହିତ କୌଣସି କାରଣକୁ ନେଇ କୃଷ୍ଣ ଲାକ୍ରାଙ୍କର ଝଗଡା ହେବାରୁ କୃଷ୍ଣ ରାଗିଯାଇ ଉପେନ୍ଦ୍ରଙ୍କୁ ଆକ୍ରମଣ କରିଥିଲା। ଫଳରେ ଉପେନ୍ଦ୍ର ଗୁରୁତର ଭାବେ ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଡ୍ୟାମ୍‌ରେ ନିଖୋଜ ଯୁବକର ଶବ ଉଦ୍ଧାର

ବଣେଇଗଡ, ୧୮/୧୨ (ଶ୍ରୁ.ମି): ବଣେଇଗଡ ଥାନା ଅଞ୍ଚଳରେ ଥିବା ରୁକୁଡା ଡ୍ୟାମ୍‌କୁ ପିକ୍‌ନିକ୍ କରିବା ପାଇଁ ଆଖପାଖ ଗ୍ରାମର କିଛି ଯୁବକ ଗତ ୧୪/୧୨/୧୭ରେ ଯାଇଥିଲେ। ପ୍ରକାଶଯୋଗ୍ୟ କଙ୍ଗାଲୁ କିଷାନ (୪୫) ନାମକ ଜଣେ ଯୁବକ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ଡ୍ୟାମ୍ ପାଣିରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ। ତେବେ ଏହି ଘଟଣାର ୪ଦିନ ପରେ ଅର୍ଥାତ୍ ସୋମବାର ପାଣିରେ ଭାସୁଥିବା ଅବସ୍ଥାରେ କଙ୍ଗାଲୁଙ୍କ ମୃତ ଦେହକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବା ଜଣାପଡିଛି। ପୁଲିସି କଙ୍ଗାଲୁଙ୍କ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।

## ଭିନ୍ନଭିନ୍ନ ସଡକ ଦୁର୍ଘଟଣାରେ ୩ ମୃତ ୨ ଆହତ

ରାଉରକେଲା, ୧୮/୧୨ (ଶ୍ରୁ.ମି): ସୁନ୍ଦରଗଡ ପୁଲିସ ଜିଲ୍ଲା ଅଧିନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଭିନ୍ନଭିନ୍ନ ଦୁର୍ଘଟଣାରେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନାଯୋଗ୍ୟ କୋଇଡା ଥାନା ଅଞ୍ଚଳର ଜାତୀୟ ରାଜପଥ ନମ୍ବର ୨୧୫ର ସଗଡିଆପୋଷରେ ହୋଇଥିବା ଏକ ଦୁର୍ଘଟଣାରେ ହରେନ ମୁଣ୍ଡା ଏବଂ ସଞ୍ଜୟ ପ୍ରଧାନ ନାମକ ଜଣେ ଯୁବକର ମୃତ୍ୟୁ ହୋଇଥିବାବେଳେ ରାମସିଂ ନାମକ ଜଣେ ଆହତ ହୋଇଥିଲେ। ସେହିପରି ସଦରଥାନା ଅଞ୍ଚଳରେ ବାନ୍ଧପାଲ୍ଲୀ ଠାରେ ଥିବା ଟାଟାମୋର୍ଟସ ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ ରାଜୁ ଜନସେନା ନାମକ ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡିଛି।

## ପୁରସ୍କାର ଘୋଷିତ ଦୁଇ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୮/୧୨ (ଶ୍ରୁ.ମି): ସୀମାନ୍ତ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଦେବ ଶର୍ମାଙ୍କ ନିକଟରେ ପାଞ୍ଚଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଦୁଇଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମ ସମର୍ପଣ କରିଥିବା ଦୁଇ ମାଓବାଦୀ ହେଲେ ଗାଲିକୋଣ୍ଡା ଏରିଆ କମିଟି ମେମ୍ବର ଜେମିଲି କିଶୋର (୨୨) ଓରଫ ଚିଟିବାବୁ ଓ ଏରିଆ କମିଟି ମେମ୍ବର ଶିଣ୍ଡିରି ସୋବନ (୩୭)। କିଶୋର ନାମରେ ୪ଲକ୍ଷ ଟଙ୍କା ଓ ସୋବନ ନାମରେ ୧ଲକ୍ଷ ଟଙ୍କା ଆନ୍ଧ୍ର ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷିତ ହୋଇଥିଲା।



କିଶୋରର ଘର କୋୟାରୁ ମଣ୍ଡଳର ବାଲାରେ ଭୁଲା ଗ୍ରାମରେ ହୋଇଥିବାବେଳେ ସୋବନର ଘର ଲକାହମ୍ରା ଅଟେ। ଉଭୟ ଅପହରଣ ପ୍ରଜାକୋର୍ଟ ଆୟୋଜନ, ପୁଲିସ ଇନ୍‌ଫରମର ଦର୍ଶାଇ ହତ୍ୟା, ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ପୁଲିସ ହ ଏନକାଉଣ୍ଟର ଭଳି ବହୁ ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ପି ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି।

## ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ପିଆଶାଳ ପଟା ଜବତ

ଝୁମ୍ପୁରା, ୧୮/୧୨ (ଶ୍ରୁ.ମି): ଗତକାଲି ବିଳମ୍ବିତ ରାତିରେ ବନବିଭାଗ ପକ୍ଷରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ପିଆଶାଳ ପଟାକୁ ଉଖୁଣ୍ଡା ବନପାଳ ଜବତ କରିଥିବା ଜଣାଯାଇଛି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନାରୁ ଜଣାଯାଏ ଯେ, ଝାଡଖଣ୍ଡ ଅଞ୍ଚଳରୁ ଏକ ବଲେରୋ ଗାଡି ମୟୂରଭଞ୍ଜ ଜିଲ୍ଲାର ଚଡେଇଭୋଳ ଅଞ୍ଚଳକୁ ଚାଲାଣ ହେଉଥିବା ସମ୍ପର୍କରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ ଖବର ପାଇ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚମ୍ପୁଆ ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ଚମ୍ପୁଆ ବନପାଳ ଏବଂ ଉଖୁଣ୍ଡା ବନପାଳ ମିଳିତ ଭାବରେ ଚଢାଉ କରିଥିଲେ। ପିଆଶାଳ ପଟା ଚାଲାଣ କରୁଥିବା ବଲେରୋ ଗାଡି କୌଣସି ସୂତ୍ରରୁ ଖବର ପାଇଁ କାଞ୍ଜିଆଶୂଳା ନିକଟରେ ଗାଡିରୁ ପଟାକୁ କାଢ଼ି ଦେଇ ଗାଡିକୁ ଧରି ଚମ୍ପଟ ମାରିଥିଲେ। ବନବିଭାଗର କର୍ମଚାରୀମାନେ କାଞ୍ଜିଆଶୂଳା ନିକଟରୁ ପିଆଶାଳ ପଟାକୁ ଜବଦ କରିବାକୁ ସକ୍ଷମ ହୋଇଛନ୍ତି। ଜବତ ପିଆଶାଳ କାଠଗୁଡିକ ଉଖୁଣ୍ଡା ବନପାଳ କାର୍ଯ୍ୟାଳୟରେ ଗଚ୍ଛିତ କରି ରହିଛି।

## ଶ୍ରେଷ୍ଠ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମ୍ମାନିତ

ମାଲକାନଗିରି, ୧୮/୧୨ (ଶ୍ରୁ.ମି): ମାଲକାନଗିରି ଜିଲ୍ଲାର ଶ୍ରେଷ୍ଠ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭାବେ ପଡିଆ ବ୍ଲକ ଗିରିକାନପାଲ୍ଲୀ ଓ ଉଣ୍ଡକୋଣ୍ଡା ପଞ୍ଚାୟତର ଏନ.ହୃଷିକେଶ ରାଓଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟବନ୍ତ ମହୋତ୍ସବ ଅବସରରେ ସମ୍ମାନିତ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଡ.ଦାମୋଦର ରାଉତ ପିଇଓ ଶ୍ରୀ ରାଓଙ୍କୁ ମାନପତ୍ର ଦେଇ ସମ୍ମାନିତ



କରିଥିଲେ। ଏହି ଅବସରରେ ସାଂସଦ ବଳଭଦ୍ର ମାଝି, ବିଧାୟକ ମାନସ ମାଡକାମୀ, ବିଧାୟକ ଡମ୍ବରୁ ଶିଶା, ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସେବାରେ ଘରୋଇକରଣ ପ୍ରଥା ଉଚ୍ଛେଦ ଦାବିରେ ୨୦ରେ ବିଧାନସଭା ଘେରାଉ ନିଷ୍ପତ୍ତି

ବାରିପଦା, ୧୮/୧୨ (ଶ୍ରୁ.ମି): ଆସନ୍ତା ୨୦ ତାରିଖରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ ଓ ଗଣାଧାରଣାକୁ ତ୍ୱରାନ୍ୱିତ କରାଯିବା ପାଇଁ ଏକ ବୈଠକ ବାରିପଦା ପାୱାର ଏମ୍ପ୍ଲଇଜ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଏସ୍‌ଇବି ଏମ୍ପ୍ଲଇଜ ଫେଡେରେସନ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସହ ସମ୍ପାଦକ ନୃସିଂହ ଜୟଚରଣ ପଣ୍ଡା ଅଧକ୍ଷତା କରିଥିଲେ। ଉପଦେଷ୍ଟା ସୁବ୍ରମଣ୍ୟମ ମହାନ୍ତିଙ୍କ ଉପସ୍ଥିତିରେ ଏହି ବୈଠକରେ ଶତାଧିକ ବିଦ୍ୟୁତ୍ କର୍ମଚାରୀ ଯୋଗ ଦେଇଥିଲେ। ସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ ବିଦ୍ୟୁତ୍ କ୍ଷେତ୍ରରେ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା ପାଇଁ କର୍ମଚାରୀ ତଥା ଗ୍ରାହକମାରଣ ନୀତିକୁ ତୁରନ୍ତ ବନ୍ଦ କରିବା, ଫ୍ରାଞ୍ଚାଇଜ ପ୍ରଥାକୁ ଉଚ୍ଛେଦ କରିବା, ଘରୋଇକରଣ, ଠିକା ପ୍ରଥା ବନ୍ଦ କରିବା, ମୁଖ୍ୟ କାର୍ଯ୍ୟରେ ନିୟୋଜିତ ଠିକା, କଣ୍ଟିଜେଣ୍ଟ, ଏନ୍‌ଏମ୍‌ଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସେମାନଙ୍କୁ ସ୍ଥାୟୀ କରିବା ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ପ୍ରଦାନ, ଖାଲିଥିବା ସମସ୍ତ ପଦବୀକୁ ତୁରନ୍ତ ପୂରଣ କରିବା ଆଦି ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୨୦୧୫ ଏପ୍ରିଲ ୧ ତାରିଖରୁ ତୁରନ୍ତ ମଜୁରୀ ନିର୍ଦ୍ଧାରଣ କରିବା ସହିତ ଉପରୋକ୍ତ ଦାବିଗୁଡିକ ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ବ୍ରଜେନ୍ଦ୍ର ବାରିକ, ଚନ୍ଦନ କୁମାର ମହାନ୍ତି, ଦିନେଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବରେ ଝୁମ୍ପୁରା ଅଞ୍ଚଳର ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ

ଝୁମ୍ପୁରା, ୧୮/୧୨ (ଶ୍ରୁ.ମି): ଭୁବନେଶ୍ୱର ସ୍ଥିତ ବିପିନ ବିହାରୀ ବଧିର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବରେ ଝୁମ୍ପୁରା ଅଞ୍ଚଳର ସେଚ୍ଛାସେବୀ ଡମ୍ବରୁଧର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଡମ୍ବରୁଧର ମହାନ୍ତଙ୍କ ଘର ଖେଣ୍ଡେରା ପଞ୍ଚାୟତର ଫକିରପୁର ଗ୍ରାମରେ। ଜଙ୍ଗଲାଞ୍ଚଳରେ ବସବାସ କରୁଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ଆଜକୁ ୩ବର୍ଷ ହେଲା ନିରବିଚ୍ଛିନ୍ନ ଭାବେ ସେବା କରିବା ସହିତ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରଶାସନ ପାଖରେ ଲଢେଇ କରି ତାଙ୍କ ହକ ହାସଲ କରିଆସୁଛନ୍ତି। ଅବହେଳିତ ଦିବ୍ୟାଙ୍ଗମାନେ ମୁଖ୍ୟସ୍ରୋତରେ କିପରି ସାମିଲ ହୋଇ ପାରିବେ ସେଥିପାଇଁ ସଦାସର୍ବଦା କାର୍ଯ୍ୟ କରିଚାଲିଛନ୍ତି। ବର୍ତ୍ତମାନ ଏହି ସେଚ୍ଛାସେବୀ ଜଣକ ଏସ ପି ଫାଉଣ୍ଡେସନର ଚ୍ୟାୟାରମେନ ଅଛନ୍ତି। ଆଗାମୀ ଦିନରେ ଡମ୍ବରୁଧର ଜିଲ୍ଲାରେ ରହିଥିବା ଦିବ୍ୟାଙ୍ଗମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଏକ ସ୍କୁଲ ଖୋଲିବାର ଯୋଜନା ରଖିଛନ୍ତି ବୋଲି ସୂଚନା ଦେଇଛନ୍ତି। ଦିବ୍ୟାଙ୍କ ପାଇଁ ଲଢେଇ କରି ଆସୁଥିବା ଏହି ସେଚ୍ଛାସେବୀଙ୍କୁ ମନ୍ତ୍ରୀ ଶଶିଭୂଷଣ ବେହେରା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଦିବ୍ୟାଙ୍କ ଉତ୍ସବରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମନ୍ତ୍ରୀଙ୍କ ଠାରୁ ମାନପତ୍ର ପାଇବା ପରେ ଡମ୍ବରୁଧର ତାଙ୍କ ପ୍ରତିକ୍ରିୟାରେ କହନ୍ତି ଜିଲ୍ଲାରେ ରହିଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ସେବା କରିବା ପାଇଁ ଉତ୍ସାହ ମିଳିଛି।

## ଉତ୍କଳ ସାମ୍ବାଦିକ ସଂଘର ବୈଠକ

ମାଲକାନଗିରି, ୧୮/୧୨ (ଶ୍ରୁ.ମି): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସତୀଗୁଡା ଇକୋ ପାର୍କ ଠାରେ ସମ୍ପାଦକ ସୁଶାନ୍ତ ମହାରଣାଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋଷାଧକ୍ଷ ଶ୍ରୀନିବାସ ପାତ୍ର, ଯୁଗ୍ମ ସମ୍ପାଦକ ମଳୟ ପାଣିଗ୍ରାହୀ, ଧନଞ୍ଜୟ ଟିକାଦାର, ପି.କେ. ରିସ୍ତାକୁମାରୀଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ। ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସହ ଆଗାମୀ ଦିନରେ ମାଲକାନଗିରି ଠାରେ ସଂଘର ଏକ କାର୍ଯ୍ୟାଳୟ ଗୃହ ଖୋଲିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା।



## ଇଂନିସ ବିଜୟ ସହ ଆସେସ ଜିତିଲା ଅଷ୍ଟ୍ରେଲିଆ

ପର୍ଥ, ୧୮/୧୨(ଏ;ଜନ୍ସି): ଆସେସ ସିରିଜର ତୃତୀୟ ଟେଷ୍ଟ ମ୍ୟାଚର ଅନ୍ତିମ ଦିନରେ ଇଂଲଣ୍ଡକୁ ଇଂନିସରେ ହରାଇ ଅଷ୍ଟ୍ରେଲିଆ ଆସେସ ସିରିଜ ନିଜ ନାମରେ କରିନେଇଛି । ଅନ୍ତିମ ଦିନରେ ଇଂଲଣ୍ଡ ତାହାର ଦ୍ୱିତୀୟ ପାଳିରେ ୨୧୮ ରନରେ ଅଲଆଉଟ ହୋଇଯାଇଥିଲେ ଯାହା ପାଇଁ ଅଷ୍ଟ୍ରେଲିଆ ଗୋଟିଏ ଇଂନିସ ଓ ୪୧ ରନରେ ବିଜୟ ହାସଲ କରିଛି । ଏହାସହ ପାଞ୍ଚ ଟେଷ୍ଟ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୩-୦ର ଅପରାଜେୟ ଅଗ୍ରଣୀ ହାସଲ କରିଛି । ପ୍ୟାଟ କ୍ୟୁମିନିସ କ୍ରିସ ୱୋକ୍ସଙ୍କୁ ୨୨ ରନ ସ୍କୋରରେ ଆଉଟ କରି ବିଜୟର ଔପଚାରିକତା ପୂରଣ କରିଥିଲେ । ପଞ୍ଚମ ଦିନରେ ବହୁ ନାଟକୀୟତା ଦେଖିବାକୁ ମିଳିବା ସହ ୱାକାର ପିଚ ସହ ଆଉ ଏକ ବିବାଦ ଯୋଡି ହେଇଯାଇଥିଲା । ଅଷ୍ଟ୍ରେଲିଆ ରବିବାର ଦିନ ଇଂଲଣ୍ଡର ୧୩୨ ରନରେ ୪ ୱିକେଟ ଦଖଲ କରିନେଇଥିଲେ । ଇଂଲଣ୍ଡକୁ ଇଂନିସ ପରାଜୟରୁ ବଞ୍ଚିବା ପାଇଁ ଆହୁରି ୧୨୭ ରନ ଆବଶ୍ୟକ କରୁଥିଲା ଓ ଏହାର ୬ ୱିକେଟ ବଳକା ଥିଲା । ବର୍ଷା କାରଣରୁ ଭୋଜନ ବିରତି ପୂର୍ବରୁ ଗୋଟିଏ ମଧ ବଲ ପକାଇବା ସମ୍ଭବ ହୋଇନଥିଲା । ଏହାପରେ ମଇଦାନର ଦକ୍ଷିଣ ଭାଗର କ୍ରୀଜ ପାଖ ଓଦା ଥିଲା । ୱାକା ମଇଦାନ କର୍ମୀ ପିଚ ସୁଖାଇବାକୁ ବହୁ ଚେଷ୍ଟା କରିଥିଲେ କିନ୍ତୁ ବର୍ଷା ସେମାନଙ୍କ କାମ ଅଟାକାଇ ଦେଉଥିଲା । ଖେଳ ଆରମ୍ଭ ପରେ ଖରାପ ହୋଇଯାଇଥିବା ପିଚରେ ବଲ ବିପଦପୂର୍ଣ୍ଣ ଭାବରେ ଉଚ୍ଚା ରହୁଥିଲା । ଏହା କାରଣରୁ ଲଗାତାର ୱିକେଟ ପଡିଥିଲା ଓ ପ୍ରଥମ ପାଳିର ଶତକ ବୀର ବେଆରଷ୍ଟୋ ମାତ୍ର ୧୪ ରନ କରିପାରିଥିଲେ । ଡେବିଡ ମାଲାନ ୫୪ ରନ କରି ପାଭିଲିୟନ ଫେରିଥିଲେ । ବଳକା ଦୁଇଟି ଟେଷ୍ଟ ବ୍ରିସବେନ ଓ ଆଡିଲେଡରେ ଖେଳାଯିବ ।

## ବୃତ୍ତିଗତ ଓ ସାମାଜିକ ଜୀବନରେ ଆନନ୍ଦର ଆକାଂକ୍ଷା ସଫଳତା ପ୍ରାପ୍ତିର ମୂଳଧାର : ଆରଏସପି ସିଇଓ




ରାଉରକେଲା, ୧୮/୧୨(ଶ୍ରୁ.ମି): "ବୃତ୍ତିଗତ ଓ ସାମାଜିକ ଜୀବନରେ ଆନନ୍ଦର ଆକାଂକ୍ଷା ସଫଳତା ପ୍ରାପ୍ତିର ମୂଳଧାର," ବୋଲି ଡିସେମ୍ବର ୧୬ ତାରିଖରେ "ତାଲମେଲ"ର ନବମ ଅଧିବେଶନରେ ଅଂଶଗ୍ରହଣକାରୀଙ୍କୁ ଉଦବୋଧନ ଦେଇ ଆରଏସପିର ସିଇଓ ଅଶ୍ୱନୀ କୁମାର ଉଲ୍ଲେଖ କରିଛନ୍ତି । ଏଚଆରଡି ସେଣ୍ଟରଠାରେ ଆୟୋଜିତ ଏହି କର୍ମଶାଳାରେ କାରଖାନାର ବିଭିନ୍ନ ୟୁନିଟର ୧୦୦ ରୁ ଉର୍ଦ୍ଧ୍ୱ ଅଧିକାରୀ ଯୋଗଦେଇଥିଲେ । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ଇଡି ପି କେ ପ୍ରଧାନ, କାର୍ଯ୍ୟ ବିଭାଗର ଇଡି ଶୁଭେନ୍ଦ୍ର ଦାସ, ସାମଗ୍ରୀ ପରିଚାଳନା ବିଭାଗର ଇଡି ପରମାନନ୍ଦ ସାହୁ, ପ୍ରକଳ୍ପ ବିଭାଗର ଇଡି ରାଜୀବ ଅଗ୍ରୱାଲ ମଞ୍ଚାସୀନ ଥିଲେ । ସିଇଓ କହିଥିଲେ ଯେ "କୌଣସି କାରଖାନାର ସଫଳତା ବୈଷୟିକ ନିପୁଣତା, ସକାରାତ୍ମକ ମନୋଭାବ, କର୍ମଚାରୀଙ୍କୁ ସହଭାଗିତା କରିବାର ଦକ୍ଷତା ଏବଂ ପରିବର୍ତ୍ତନର ଧାରାରେ ସାମିଲ ହୋଇ ଏହାକୁ ପ୍ରତ୍ୟେକ କର୍ମଚାରୀଙ୍କ ଠାରେ ପହଞ୍ଚାଇବା ଉପରେ ନିର୍ଭର କରିଥାଏ । ସର୍ବଶ୍ରେଷ୍ଠ ଫଳାଫଳ ହାସଲ ନିମନ୍ତେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିବେଚିତ କର୍ମୀସମୂହଙ୍କୁ ଅନୁପ୍ରେରିତ କରିବା ନିତାନ୍ତ ଆବଶ୍ୟକ ଅଟେ ।" କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକ କର୍ମଚାରୀଙ୍କ ମଧ୍ୟରେ ନିଜସ୍ୱ ଭାବନାକୁ ସୁଦୃଢ଼ କରିବା ତଥଶ ଗୌରବ ଅନୁଭବ କରିବା ଏବଂ କାର୍ଯ୍ୟ ସନ୍ତୁଷ୍ଟି ଉପରେ ସିଇଓ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ସମସ୍ତେ ଦୀର୍ଘକାଳ ଅତବାହିତ କରୁଥିବା ପରିପ୍ରେକ୍ଷୀରେ ଉତ୍ତମ ସ୍ୱାସ୍ଥ୍ୟ, ପ୍ରଦର୍ଶନ ଓ ଉତ୍ପାଦକତା ପାଇଁ ସିଇଓ ସମସ୍ତଙ୍କୁ ଖୁସି ରହିବା ପାଇଁ ଏବଂ କାର୍ଯ୍ୟକୁ ଉପଭୋଗ କରିବା ନିମନ୍ତେ ଆହ୍ୱନ ଜଣାଇଥିଲେ । ପରେପରେ ଅନୁଷ୍ଠିତ ମତବିନିମୟ ଅଧିବେଶନରେ ଅଂଶଗ୍ରହଣକାରୀମାନେ ଉତ୍ପାଦନ, ମରାମତି, ଅନ୍ୟ ୟୁନିଟର ସହାୟତା ସମ୍ବନ୍ଧରେ ଆଲୋଚନା କରିବା ସହିତ ବ୍ୟବସ୍ଥା ଓ ପ୍ରଣାଳୀରେ ଉନ୍ନତି ସାଧନ ପାଇଁ ବିଭିନ୍ନ ଉପାଦେୟ ପ୍ରସ୍ତାବ ପ୍ରଦାନ କରିଥିଲେ । ସିଇଓ ଏବଂ ସମସ୍ତ ଇଡିମାନେ ଉପସ୍ଥାପିତ ପ୍ରସ୍ତାବ ଗୁଡିକ ଉପରେ ବିସ୍ତୃତ ଆଲୋଚନା କରିବା ସହିତ କାରଖାନାର ଉନ୍ନତି ନିମନ୍ତେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ସିପିଟିଆଇ ବିଭାଗର ଡିଜିଏମ ସାଗର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ପ୍ରୟାସ ୨୦୧୭ ଜାନୁଆରୀ ମାସରେ ଅଶ୍ୱିନୀ କୁମାରଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଥିଲା । କାର୍ଯ୍ୟ ଯୋଜନା ଗୁଡିକର କାର୍ଯ୍ୟାନ୍ୱୟନ ସ୍ତରରେ ଅଗ୍ରଣୀ ଭୂମିକା ବହନ କରୁଥିବା ଯୁବ ଅଧିକାରୀମାନଙ୍କର ଶୀର୍ଷ ପ୍ରବନ୍ଧନ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ ଏବଂ କାରଖାନାର ଉନ୍ନତି ନିମନ୍ତେ ସେମାନଙ୍କ ଦ୍ୱାରା ଉପସ୍ଥାପିତ ଉପାଦେୟ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା କରିବା ଏହି ପ୍ରୟାସର ଆଭିମୁଖ୍ୟ ରହିଛି ।

## ଝାରସୁଗୁଡା ବେଦାନ୍ତ ସିଇଓଙ୍କୁ 'ଶ୍ରେଷ୍ଠ ସିଇଓ ଅଫ୍ ଦି ଇୟର ୨୦୧୭' ପୁରସ୍କାର




ଭୁବନେଶ୍ୱର, ୧୮/୧୨(ଶ୍ରୁ.ମି): ଓଡ଼ିଶା କଲଚରାଲ୍ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜନ କରାଯାଇଥିବା ତୃତୀୟ କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ ଅବସରରେ ବେଦାନ୍ତ ଲିମିଟେଡ୍, ଝାରସୁଗୁଡାର ସିଇଓ ଶ୍ରୀ ଅଭିଜିତ ପତିଙ୍କୁ 'ଶ୍ରେଷ୍ଠ ସିଇଓ ଅଫ୍ ଦି ଇୟର ୨୦୧୭' ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରର ହୋଟେଲ୍ ମେ' ଫେୟାର ଲାଗୁନ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ ବିଭିନ୍ନ କର୍ପୋରେଟ୍ ସଂସ୍ଥାର ୨୦୦ରୁ ଅଧିକ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ପୁରସ୍କାର ସମାରୋହରେ ୧୫ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଶ୍ରୀ ପତିଙ୍କୁ ରାଜ୍ୟର ଶିଳ୍ପ ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ଖାଦ୍ୟ ଯୋଗାଣ, ଉପଭୋକ୍ତା କଲ୍ୟାଣ ଓ ସମବାୟ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପୁରସ୍କୃତ କରିଥିଲେ । ବେଦାନ୍ତ ଲିମିଟେଡ୍, ଝାରସୁଗୁଡାର ସିଇଓ ଭାବେ ଭାରତରେ ଆଲୁମିନିୟମ ବିପ୍ଳବକୁ ଆଗକୁ ବଢାଇବା ଏବଂ ତାଙ୍କର ବୃତ୍ତିଗତ ଉତ୍କର୍ଷ ଏବଂ ନେତୃତ୍ୱ ଯୋଗୁଁ ଭାରତର ଅନ୍ୟତମ ସର୍ବବୃହତ ପ୍ରାଥମିକ ଆଲୁମିନିୟମ ଉତ୍ପାଦନକାରୀ ଲାଭବାନ ହୋଇପାରିଥିବା ଯୋଗୁଁ ତାଙ୍କୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି ।

## କିଟ୍ ଫେଷ୍ଟ ୪.୦ ଉଦ୍‌ଘାଟିତ




ଭୁବନେଶ୍ୱର, ୧୮/୧୨(ଶ୍ରୁ.ମି) : ସର୍ବ ବୃହତ ବୈଷୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବା ଟେକ୍ନୋଫେଷ୍ଟ 'କିଟ୍ ଫେଷ୍ଟ' ଡିସେମ୍ବର ୧୭ତାରିଖ ରବିବାର କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ୪ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ଼ ଅଭିନେତା ମୁକେଶ ତିୱାରୀ । ଶ୍ରୀ ତିୱାରୀ କିଟ୍ ଫେଷ୍ଟରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଆମେ ଅର୍ଥ ଦେଇ ଡିଗ୍ରୀ କିଣିପାରିବା ମାତ୍ର ଶିକ୍ଷା କିଣି ପାରିବା ନାହିଁ । ଏହି ପରମ୍ପରାକୁ କିଟ୍ ଭଙ୍ଗ କରିଛି । କିଟ୍ ଛାତ୍ରଛାତ୍ରୀଙ୍କୁ ଭେଟିବା ପରେ ମୋର ଅନୁଭବ ହେଲା ଈଶ୍ୱର ତାଙ୍କର ଜଣେ ଦୂତଙ୍କୁ ଏଠାକୁ ପଠାଇଛନ୍ତି । ଆମେ ସଂପ୍ରତି ବଜାରୀକରଣ ଯୁଗରେ ରହୁଥିବା ବେଳେ ମାନବିକ ମୂଲ୍ୟବୋଧ ଧୀରେ ଧୀରେ ଆମନିକଟକୁ ଆସୁଥିବା ମୁଁ ଅନୁଭବ କରୁଛି । ସେ କହିଲେ, ଏବେ ଶିକ୍ଷା କହିଲେ ବ୍ୟକ୍ତିତ୍ୱ ବିକାଶକୁ ବୁଝାଏ । ଡିଗ୍ରୀ ହେଉଛି ସ୍ୱଳ୍ପ ଅବଧିର ସଫଳତା । ଯୁବଗୋଷ୍ଠୀ ଅନ୍ୟର ଦୁଃଖ ଶୁଣିବାକୁ ଚେଷ୍ଟା କରିବା ଉଚିତ ବୋଲି ସେ କହିଥିଲେ । ଭାରତୀୟ ଛାତ୍ରଛାତ୍ରୀମାନେ ବଲିଉଡ୍ ଚଳଚ୍ଚିତ୍ରର ଭବିଷ୍ୟତ ହୋଇଥିବାରୁ ସେମାନେ ବଲିଉଡ୍ ଚଳଚ୍ଚିତ୍ର ସର୍ବଦା ଦେଖିବା ଉଚିତ ବୋଲି ମୁକେଶ କହିଥିଲେ । କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସସ୍ମିତାରାଣୀ ସାମନ୍ତ ଏବଂ ଷ୍ଟୁଡେଣ୍ଟ ଆଫାୟାର୍ସ ନିର୍ଦ୍ଦେଶିକା ଡ. ସୁଚେତା ପ୍ରିୟବାଦିନୀ ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଚଳିତବର୍ଷ କିଟ୍ ଫେଷ୍ଟରେ ଅଂଶଗ୍ରହଣ କରିବା ପାଇଁ ସମଗ୍ର ଦେଶର ବିଭିନ୍ନ ନାମୀ ଦାମୀ ବୈଷୟିକ ଶିକ୍ଷାନୁଷ୍ଠାନରୁ ୨୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ଏହା ପୂର୍ବ ଭାରତର ସର୍ବବୃହତ ବୈଷୟିକ ମହୋତ୍ସବ ବୋଲି କୁହାଯାଉଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ବୈଷୟିକ, କଳା ଓ ସାଂସ୍କୃତିକ ସୃଜନଶୀଳତା ପରିପ୍ରକାଶ କରିବାର ସୁଯୋଗ ପାଇବେ । କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଉତ୍ସବ ମୁଖର ହୋଇଉଠିଥିବା ପିଲାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ବିଭିନ୍ନ କ୍ୟାମ୍ପସ୍‌ରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଜାରି ରହିଛି । କିଟ୍ ଫେଷ୍ଟରେ ବୈଷୟିକ ବିଦ୍ୟାର ଛାତ୍ରଛାତ୍ରୀମାନେ ସେମାନଙ୍କ ବୈଷୟିକ ଜ୍ଞାନ କୌଶଳ ଓ ଦକ୍ଷତା ପ୍ରତିପାଦନ କରିପାରିବାର ସୁଯୋଗ ପାଇଥାନ୍ତି । ଏହା ଛଡ଼ା ସେମାନେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାର ଏହା ହେଉଛି ଏକ ବଡ଼ ପ୍ଲାଟଫର୍ମ । ଏଥିରେ ଜିଜ୍ଞାସୁ ଛାତ୍ରଛାତ୍ରୀଙ୍କ ପାଇଁ କର୍ମଶାଳା, ଦକ୍ଷତା ପ୍ରତିପାଦନ ପାଇଁ ବୈଷୟିକ କାର୍ଯ୍ୟକ୍ରମ, ତର୍କ, ନୃତ୍ୟ, ଡ୍ରାମା ଏବଂ କୁଇଜ୍ ଆଦି ୭୨ଟି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ରହିଛି । ଫେଷ୍ଟର ବିଭିନ୍ନ ଦିନରେ ବିଶିଷ୍ଟ କଣ୍ଠଶିଳ୍ପୀ ସୋନୁ ନିଗମ, ହର୍ଷ ଭୋଗ୍‌ଲେ, ଆକବର ସାମିଙ୍କ ଡିଜେ ନାଇଟ୍ ଆଦି କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପ୍ରଥମ ଥର ଲାଗି ଦିବ୍ୟାଙ୍ଗ ଶିଶୁଙ୍କ ଦ୍ୱାରା ର୍‍ୟାମ୍ପ୍ ଶୋ ଅନୁଷ୍ଠିତ ହୋଇଥିବା ବେଳେ କିଟ୍‌ରେ ଅଧ୍ୟୟନରତ ବିଦେଶୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଚଳିତବର୍ଷ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କ ପାଇଁ ସର୍ବାଧିକ ପୁରସ୍କାର ରାଶି ୫୦ଲକ୍ଷ ଟଙ୍କା ରଖାଯାଇଛି । ଏହ କୌଣସି ବିଶ୍ୱବିଦ୍ୟାଳୟସ୍ତରରେ ଆୟୋଜିତ ଟେକ୍ନୋଫେଷ୍ଟର ସର୍ବାଧିକ ପୁରସ୍କାର ରାଶି ବୋଲି କୁହାଯାଉଛି ।

**ଭାରତ ବନାମ ଶ୍ରୀଲଙ୍କା ଟି-୨୦ ସିରିଜ**

## ରାଜଧାନୀରେ ଦୁଇ ଦଳ, ଆଜି ଅଭ୍ୟାସ







ଭୁବନେଶ୍ୱର, ୧୮/୧୨(ଶ୍ରୁ.ମି): ଟେଷ୍ଟ ସିରିଜ ଓ ଦିନିକିଆ ସିରିଜ ଶେଷ ହେବା ପରେ ଭାରତ ଓ ଶ୍ରୀଲଙ୍କାର ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ଫଟାଫଟ କ୍ରିକେଟ ଟି-୨୦ ଲଢେଇ । ଡିସେମ୍ବର ୨୦ ତାରିଖ ବୁଧବାର ଦିନ କଟକର ବାରବାଟୀ ଷ୍ଟାଡିୟମରେ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଖେଳାଯିବ । ସେଇଥିପାଇଁ ଦୁଇଦଳ ସୋମବାର ଦିନ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଟେଷ୍ଟ ଓ ଦିନିକିଆ ସିରିଜରେ ବିଜୟ ହାସଲ କରିଥିବା ଟିମ ଇଣ୍ଡିଆ ଆଉ ଏକ ସିରିଜ ବିଜୟ ଉଦ୍ଦେଶ୍ୟରେ ଆସିଥିବାବେଳେ ଭ୍ରମଣକାରୀ ଦଳ ବିଗତ ଦିନର ପରାଜୟ ଭୁଲି ବିଜୟ ଆଶାରେ ପହଞ୍ଚିଛନ୍ତି ଓଡିଶାର ରାଜଧାନୀରେ । ଭାଇଜାଗରୁ ଏକ ସ୍ୱତନ୍ତ୍ର ବିମାନରେ ଦୁଇ ଦଳର ଖେଳାଳି ଓ ଅଧିକାରୀ ବର୍ଗ ଦ୍ୱିପହର ୨ଟାରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ । ବିମାନବନ୍ଦରରୁ ଖେଳାଳି ଓ ଅଧିକାରୀ ସିଧା ହୋଟେଲ ମେଫାୟାରରେ ପହଞ୍ଚିଥିଲେ । ହୋଟେଲରେ ଖେଳାଳିଙ୍କୁ ଓଡିଆ ପାରମ୍ପରିକ ରୀତିନୀତି ଅନୁସାରେ ସ୍ୱାଗତ କରାଯାଇଥିଲା । ମେଫାୟାରରେ ଦୁଇ ଦଳ ଖେଳାଳି ଓ ଅଧିକାରୀ ମାନଙ୍କ ପାଇଁ ୫୦ଟି ରୁମ ବୁକ କରାଯାଇଛି । ସେହିପରି ହୋଟେଲ ପରିସରରେ କମିଶନରେଟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ଖୋଲାଯାଇଥିବାବେଳେ ପ୍ରାୟ ୨୫ ପ୍ଲାଟୁନ ଫୋର୍ସ ହୋଟେଲକୁ ଜଗିକି ରହିଛନ୍ତି । ଦୁଇ ଦଳ ଆଜି ଅଭ୍ୟାସ କରିବା ପାଇଁ ବାରବାଟୀ ଯିବେ । ପ୍ରଥମେ ଭ୍ରମଣକାରୀ ଦଳ ଶ୍ରୀଲଙ୍କା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଭ୍ୟାସ କରିବେ । ଏହାପରେ ଭାରତୀୟ ଦଳ ଦ୍ୱିପହର ୨ଟାରେ ବାରବାଟୀରେ ପହଞ୍ଚି ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଭ୍ୟାସ କରିବେ । ବୁଧବାରଦିନ ମ୍ୟାଚ ପାଇଁ ପୋଲିସ ତରଫରୁ ୬୫ ପ୍ଲାଟୁନ ଫୋର୍ସ ଷ୍ଟାଡିୟମ ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମୁତୟନ କରାଯାଇଛି ।



ଗୁଜୁରାଟ ଓ ହିମାଚଳରେ ବିଜେପିର ବିଜୟ ପରେ ରାଜ୍ୟ ବିଜେପି ଦଳୀୟ କାର୍ଯ୍ୟାଳୟରେ କର୍ମୀମାନଙ୍କର ବିଜୟ ଉତ୍ସବ

## ମିଜୋରାମର ବୃହତ୍ତମ ଟ୍ୟୁରିଆଲ ଜଳ ବିଦ୍ୟୁତ ପ୍ରକଳ୍ପରେ ସେଲର ୭୦% ଇସ୍ପାତ ଉପଯୋଗ

ରାଉରକେଲା, ୧୮/୧୨(ଶ୍ରୁ.ମି): ଜାତୀୟ ବିକାଶ ପ୍ରକଳ୍ପରେ ଯୋଗଦାନର ପ୍ରତିବଦ୍ଧତା ନିଦର୍ଶନ ସ୍ୱରୂପ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ସେଲ) ମିଜୋରାମର ବୃହତ୍ତମ ଶକ୍ତି ପ୍ରକଳ୍ପ, ଟ୍ୟୁରିଆଲ ଜଳ ବିଦ୍ୟୁତ ପ୍ରକଳ୍ପ ନିମନ୍ତେ ୭୦% ଇସ୍ପାତ ଯୋଗାଇ ଦେଇଛି । ଏହାକୁ ମାନ୍ୟବର ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦି ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ସେଲ ୫ ହଜାର ମେଟ୍ରିକ ଟନ ପ୍ଲେଟ ମିଲ ପ୍ଲେଟ, ଷ୍ଟ୍ରକଚରାଲ ଏବଂ ଟିଏମଟି ଯୋଗାଇଦେଇଛି ଯାହା ମଧ୍ୟରେ ମୂଲ୍ୟଯୁକ୍ତ ଆସ୍ତମା ୫୩୭ ସି-୧ ପ୍ଲେଟ ମଧ ସାମିଲ ରହିଛି । ସେଲ ପୂର୍ବ ଭାରତର ବହୁ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ଇସ୍ପାତ ଯୋଗାଇଦେଉଛି । କମ୍ପାନୀ ଆସାମରେ ନିର୍ମିତ ଦେଶର ଦୀର୍ଘତମ ଧୋଲା-ସଦିୟା ସେତୁ ନିର୍ମାଣ ନିମନ୍ତେ ୯୦% ଇସ୍ପାତ ଯୋଗାଇଦେଇଥିଲା ଯାହା ନିକଟରେ ଉଦଘାଟିତ ହୋଇଛି । ଏହାବ୍ୟତୀତ ସେଲ ଅନ୍ୟ ବହୁ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ବୋଗିବିଲ ରେଳ ଓ ସଡକ ସେତୁ, ଏନଟିପିସିର ୭୫୦ ମେଗାୱାଟ ପାୱାର ପ୍ଲାଣ୍ଟ ସମେତ ବହୁ ଅନ୍ୟ ବହୁ ପାୱାର ପ୍ଲାଣ୍ଟ, ୬୦୦ ମେଗାୱାଟ କାମେଙ୍ଗ ଜଳ ବିଦ୍ୟୁତ ପ୍ରକଳ୍ପ, ଟ୍ରାନ୍ସ ଅରୁଣାଚଳ ଜାତୀୟ ରାଜପଥ ଇତ୍ୟାଦି ନିମନ୍ତେ ଇସ୍ପାତ ଯୋଗାଇଦେଉଛି ।

Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549625, E-mail: srutimedia@gmail.com

Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର